# ଲିଙ୍ଗରାଜ କୋଇଲା ଖଣିରେ ଅହରହ ଜଳୁଛି କୋଇଲା ଗଦା

ତାଳଚେର, ୨୮ ।୧୨(ସମିସ)

ତାଳଚେର ଲିଙ୍ଗରାଜ କୋଇଲା ଖଣିରେ ପର୍ବତ ସଦୃଶ ଥିବା କୋଇଲା ଗଦା ଗୁଡିକରେ ଅହରହ ନିଆଁ ଜଳୁଥିବା ଦେଖିବାକୁ ମିଳିଛି। ଯାହାଫଳରେ ରାଜ୍ୟ

- କର୍ତ୍ତୃପକ୍ଷଙ୍କ ନିଘା ନାହିଁ
- କୋଟି କୋଟି ଟଙ୍କାର ରାଜସ୍ୱ ହାନି



ଓ କେନ୍ଦ୍ରସରକାର ଉଭୟ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଏହି କୋଇଲା ଗଦା ଗୁଡିକ ଜଳିବା ଦ୍ୱାରା ଏଥିରୁ ନିର୍ଗତ ଧୂଆଁରେ ସ୍ଥାନୀୟ ଗ୍ରାମବାସୀ ଅଣନିଶ୍ୱାସୀ ହେବାସହ ଅଞ୍ଚଳର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏମସିଏଲ ନିଜସ୍ୱ ଫାୟାର ବିଭାଗ ଥାଇ ମଧ୍ୟ କୋଇଲା ଗଦାରେ ଲାଗୁଥିବା ନିଆଁକୁ ଆୟତ କରିବାରେ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉ ନାହାନ୍ତି।

ଏପରି ଘଟଣା ଲିଙ୍ଗରାଜ ପୋଖରୀୟା କୋଇଲା ଖଣିରେ ଅଞ୍ଚଳରେ ଦେଖିବାକୁ ମିଳିଛି। ଲିଙ୍ଗରାଜ ଗଭୀର ପୋଖରୀୟା କୋଇଲା ଖଣିରୁ ହୋଲପେକ୍ ଓ ଡମ୍ପର୍ ସାହାଯ୍ୟରେ ଦୈନ ଦିନ ସହସହ ଟ୍ରିପ୍ କୋଇଲା ଖଣି ଭିତରୁ ପଦାକୁ ଅଣାଯାଇ ବିଭିନ୍ନ ଷ୍ଟକ୍‌ରେ ଗଚ୍ଛିତ କରାଯାଇଥାଏ। ଏହି ଗଚ୍ଛିତ ହୋଇଥିବା କୋଇଲା ଗଦା ପ୍ରତି ବିଭାଗୀୟ ଖଣି କର୍ତ୍ତୃପକ୍ଷଙ୍କ କୌଣସି ପ୍ରକାର ବ୍ୟବସ୍ଥା କରୁନଥିବାରୁ ପ୍ରାୟତଃ କୋଇଲା ଗଦା ରେ ନିଆଁ ଲାଗିଥାଏ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଖଣି କର୍ତ୍ତୃପକ୍ଷ ଟେଣ୍ଡର କରି ଖଣି ଭିତରୁ ପଦାକୁ ଆଣି କୋଇଲା ଗଚ୍ଛିତ କରିଥାନ୍ତି। ଏହି କୋଇଲା ପରିବହନ କରିବାରେ ସମ୍ପୃକ୍ତ ଠିକାଦାର କୋଟି କୋଟି ଟଙ୍କା ନେଇଥାନ୍ତି। ମାତ୍ର ପରବର୍ତ୍ତି ସମୟରେ ଏହି ଗଚ୍ଛିତ କୋଇଲା ଗଦାରେ ନିଆଁ ଲାଗି ହଜାର ହଜାର ଟନ୍ କୋଇଲା ପୋଡ଼ି ଯିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱ ଘଟଥିବା ବେଳେ ଖଣି କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି।

ଅପର ପକ୍ଷରେ ଓଡ଼ିଶାର ତାଳଚେର ଅଞ୍ଚଳ ଏକ ଉତ୍ତପ୍ତ ସହର ପରିଗଣିତ ହୋଇଥିବା ବେଳେ ଅହରହ କୋଇଲା ଜଳିବାରୁ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବା ସାଙ୍ଗକୁ ପରିବେଶ ଦୂଷିତ ହେଉଛି। ଏମସିଏଲ ର ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜାନୁଆରୀ ମାସ ପାଇଁ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟସୂଚୀ

ଅନୁଗୋଳ, ୨୮ ।୧୨(ସମିସ):

ଅନୁଗୋଳ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କର ଜାନୁଆରୀ ମାସ ପାଇଁମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମସ୍ଥିର ହୋଇଛି। ଏଥିରେ ଜିଲ୍ଲାପାଳ ଓ ଅନୁଗୋଳ ଆରକ୍ଷୀ ଅଧିକ୍ଷକ ସୁଧାଂଶୁଶେଖର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେବେ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜାନୁଆରୀ ମାସ ୨ ତାରିଖ (ମଙ୍ଗଳବାର) ପୂର୍ବାହ୍ନ ୧୦ଘଟିକା ସମୟରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ୮ ତାରିଖ ପୂର୍ବାହ୍ନ ୧୦ଘଟିକରେ ବଣଁରପାଳ ବ୍ଲକ କାର୍ଯ୍ୟାଳୟ, ୧୬ ତାରିଖ ପୂର୍ବାହ୍ନ ୧୦ଘଟିକାରେ ଜିଲ୍ଲା କାର୍ଯ୍ୟାଳୟ, ୨୨ ତାରିଖ ପୂର୍ବାହ୍ନ ୧୦ଘଟିକାରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ ଓ ୨୯ତାରିଖ ପୂର୍ବାହ୍ନ ୧୦ଘଟିକାରେ ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ।

ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗ ଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲାପ୍ରଶାସନ ତରଫରୁ ଜଣାଇ ଦିଆଯାଉଛି। କୌଣସି ଅଞ୍ଚଳବାସୀଙ୍କର ଯଦି କିଛି ସମସ୍ୟା ବା ଅଭିଯୋଗ ଥାଏ ତେବେ ସେ ପ୍ରଥମେ ସମ୍ପୃକ୍ତ ସ୍ଥାନୀୟ ଅଧିକାରୀଙ୍କ ନିକଟରେ ସମାଧାନ ପାଇଁ ଆବେଦନ କରିବାକୁ ଜଣାଇ ଦିଆଯାଉଛି। କୌଣସି ବ୍ୟକ୍ତି ପ୍ରଥମ କରିସିଧାସଳଖ ଭାବେ ମିଳିତ ଜନଶୁଣାଣି ଶିବିରକୁ ଆସି ଆପତ୍ତି ଅଭିଯୋଗ ନ କରିବାକୁ ମଧ୍ୟ ଜଣାଇ ଦିଆଯାଇଛି।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ



**କୁଇଓ, ୨୮ ।୧୨(ସମିସ):** ବୁଧବାର ଦିନ ବଣଁରପାଳ ବ୍ଲକ କୁମଣ୍ଡ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶା ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଛେଣ୍ଡିପଦା ସୁଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଯୁବ ବିଜେଡ଼ିର ସଭାପତି ତଥା ବସୁଧା ଯୋଜନାର ଉପଦେଷ୍ଟା ଦିନେଶ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଦିଲୀପ ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ସନ୍ତୋଷ କୁମାର ଦାସ, ଯୁବ ସଂଗଠକ କୁନ୍ଦନ କୁମାର ସ୍ୱାଇଁ, ରସିକ ମୋହନ ଦାସ ଯୋଗ ଦେଇଥିଲେ।

ମହାବିଦ୍ୟାଳୟର ଅଧକ୍ଷ ପ୍ରଭାତ କୁମାର ସିହ୍ନା ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ରାଜନୀତି ବିଭାଗର ଅଧାପକ ଲକ୍ଷ୍ମୀଧର ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅଧାପିକା ରଶ୍ମୀରେଖା ଲେଙ୍କା, ଅଧାପିକା ଦମୟନ୍ତୀ ଷଡ଼ଙ୍ଗୀ, କ୍ରୀଡା ଶିକ୍ଷକ ହୃଷୀକେଶ ସାହୁ, ଅଧାପକ ନରେଶ ଚନ୍ଦ୍ର ସାମଲ, ଅଧାପକ ପ୍ରଦୀପ କୁମାର ନନ୍ଦ, ଗ୍ରନ୍ଥାଧିକାରୀ କବି ଚରଣ ସାହୁ, ମନୋଜ କୁମାର ସାହୁ, ପଳଉ ସାହୁ, ବିଚିତ୍ରାନନ୍ଦ ସାହୁ, ଜନ୍ମେଜୟ ସାହୁ, ଓ ଅଭୟ କୁମାର ସ୍ୱାଇଁ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ରେ ବିରାଟ ଶୋଭାଯାତ୍ରାରେ ମଦ ବିରୋଧୀ ଏବଂ ବାଲ୍ୟ ବିବାହ ବିରୁଦ୍ଧରେ ନାରାବାଜି ଦେଇ ସାମାଜିକ ସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ କରିଥିଲେ। ଶୋଭାଯାତ୍ରା କୁମଣ୍ଡ ପଞ୍ଚାୟତ ଅଧିନସ୍ଥ କାଶି ବୈଦ୍ୟନାଥ ଶିବ ମନ୍ଦିର ଠାରେ ପହଞ୍ଚିଥିଲା। ସେଠାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ମାଧ୍ୟମରେ ମଦ ବିରୋଧୀ ଏବଂ ବାଲ୍ୟ ବିବାହ ବିରୋଧରେ ସଚେତନତ ମହାବିଦ୍ୟାଳୟର ଅଧକ୍ଷ ପ୍ରଭାତ କୁମାର ସିହ୍ନା, ଅଧାପକ ଲକ୍ଷ୍ମୀଧର ବେହେରା, ଅଧାପିକା ରଶ୍ମୀରେଖା ଲେଙ୍କା, ଅଧାପକ ପ୍ରଦୀପ କୁମାର ନନ୍ଦ, ବିଚିତ୍ରାନନ୍ଦ ସାହୁ, ମନୋଜ କୁମାର ସାହୁ, ପଳଉ ସାହୁ ଏବଂ ଅଭୟ ସ୍ୱାଇଁ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

# ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ନେଇ ସଚେତନତା କର୍ମଶାଳା

**ଅନୁଗୋଳ, ୨୮ ।୧୨(ସମିସ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ନିମନ୍ତେ ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା କର୍ମଶାଳାରେ ରାଜ୍ୟସ୍ତରୀୟ ପ୍ରୋଜେକ୍ଟ ମନିଟରିଂ ୟୁନିଟ (ପିଏମ୍‌ୟୁ) ର ମୁଖ୍ୟ ପ୍ରକାଶ ଚନ୍ଦ୍ର ଶୁକ୍ଳ ଓ ଦୁଇଜଣ ସଦସ୍ୟ ଯୋଗ ଦେଇଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ କରିଥିବା ଦୁଇଜଣ ସଫଳ ଉଦ୍ୟୋଗୀ ଉକ୍ତ କର୍ମଶାଳାରେ ଯୋଗଦେଇ ସେମାନଙ୍କ ସଫଳ କାହାଣୀ ବିଷୟରେ ବର୍ଣ୍ଣନା କରିଥିଲେ। ଏହା ପରେ ରାଜ୍ୟସ୍ତରୀୟ ପିଏମ୍‌ୟୁର ସଦସ୍ୟମାନେ ଦୁଇଟି ସଫଳ ଉଦ୍ୟୋଗ ପରିଦର୍ଶନ କରିବା ସହିତ ଦୁଇଟି ବ୍ୟାଙ୍କ ମଧ୍ୟ ପରିଦର୍ଶନ କରିଥିଲେ। ଉକ୍ତ ସଚେତନତା କର୍ମଶାଳାରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଶିବାଷିଶ୍ କାନୁନଗୋ, ସହକାରୀ ପରିଚାଳକ ପ୍ରସନ୍ନ କୁମାର ବେହେରା ଓ ସ୍ଥାନୀୟ ଶିଳ୍ପ ବିକାଶ ଅଧିକାରୀଶ୍ରୀ ହିମାଂଶୁ ଶେଖର ସାହୁ ଉପସ୍ଥିତ ଥିଲେ। ଉକ୍ତ ସଚେତନତା କର୍ମଶାଳାରେ ଉଦ୍ୟାନ କୃଷି ବିଭାଗ, ଓଡ଼ିଶାଜୀବିକା ମିଶନ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ବିଭାଗର ପ୍ରମୁଖ ଅଧିକାରୀ ବୃନ୍ଦ ଯୋଗ ଦେଇଥିଲେ।



# ଅନୁକୂଳଚନ୍ଦ୍ରଙ୍କ ବାର୍ଷିକ ମହୋତ୍ସବ



**ବଣଁରପାଳ, ୨୮ ।୧୨(ସମିସ):** ବଣଁରପାଳ ବ୍ଲକ ଅନ୍ତର୍ଗତ ସନ୍ତ୍ରୀଛକ ନିକଟରେ ଆଞ୍ଚଳିକ ସତସଂଗ କେନ୍ଦ୍ର ଆନୁକୂଲ୍ୟରେ ଅନୁକୂଳଚନ୍ଦ୍ରଙ୍କ ବାର୍ଷିକ ମହାମହୋତ୍ସବ ଓ ସତସଂଗ କେନ୍ଦ୍ରର ବାର୍ଷିକ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ପାଞ୍ଚଗଡ଼ ସୋମନାଥ ସିଂ ଜଗଦେବ +୩ ମହାବିଦ୍ୟାଳୟର ଅଧକ୍ଷ ଗୋକୁଳାନନ୍ଦ ପ୍ରଧାନ ଯୋଗଦେଇ ଆଧ୍ୟାତ୍ମିକ ଚିନ୍ତାଧାରା ବିଷୟରେ ଆଲୋଚନା କରିଥିଲେ। ଯାଜକ ନିର୍ମଳ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନୁକୂଳଚନ୍ଦ୍ରଙ୍କର ଦିବ୍ୟଜୀବନ ଓ ଭାବଧାରା ଉପରେ ଆଲୋକପାତ କରିଥିଲେ। ସହ ପ୍ରତିରିତ୍ୱକ ବୁଦ୍ଧିମନ୍ତ ସାହୁ ସତସଂଗ ପରିଚାଳନା କରିଥିଲେ।

# କାମ ତଦାରଖ କରୁନାହାନ୍ତି ଯନ୍ତ୍ରୀ

**କିଶୋରନଗର, ୨୮ ।୧୨(ସମିସ):** କିଶୋରନଗର ବ୍ଲକ ଅଞ୍ଚଳର ବିଭିନ୍ନ ଅଞ୍ଚଳରେ ପୂର୍ତ୍ତ ବିଭାଗ ଦ୍ୱାରା ଚାଲିଥିବା ନିର୍ମାଣ କାର୍ଯ୍ୟ ଗୁଡିକୁ ତଦାରଖ କରୁନାହାନ୍ତି ବିଭାଗୀୟ ଯନ୍ତ୍ରୀ। ମିଳିଥିବା ସୂଚନା ଅନୁଯାୟୀ ପୂର୍ତ୍ତ ବିଭାଗ ଦ୍ୱାରା ବାମୁର -ମାଧପୁର, ବଇଷିଣା ଠାରୁ ସାତପେରେଡିଆ, ସାନ ହୁଲା ଠାରୁ ପାଇକସାହି ରାସ୍ତା, ଆଦି ବିଭିନ୍ନ ନିର୍ମାଣ ଚାଲିଥିବା ପୂର୍ତ୍ତ ରାସ୍ତା କାମଗୁଡିକୁ ତଦାରଖ କରୁନାହାନ୍ତି ବିଭାଗୀୟ ଯନ୍ତ୍ରୀ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

■ ମଣ୍ଟୁ ମେମୋରିଆଲ କପ୍ କ୍ରିକେଟ୍

# ଝାରସୁଗୁଡ଼ାକୁ ହରାଇ ସେମିରେ ଖୋର୍ଦ୍ଧା




**କିଶୋରନଗର, ୨୮ ।୧୨(ସମିସ):** କିଶୋରନଗର ବର ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମଣ୍ଟୁ ମେମୋରିଆଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ମ୍ୟାଚ୍‌ରେ ଝାରସୁଗୁଡା ଦଳକୁ ୫ଉଇକେଟରେ ପରାସ୍ତ କରି ଖୋର୍ଦ୍ଧା ଦଳ ଦ୍ୱୀତୀୟ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ଝାରସୁଗୁଡା ଦଳ ୨୦ ଓଭରରେ ୮ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା। ଜବାବରେ ଖୋର୍ଦ୍ଧା ଦଳ ୯.୩ ବଲରେ ୫ଉଇକେଟ ହରାଇ ୧୨୬ ରନ କରି ବିଜୟୀ ହୋଇ ସେମିକୁ ଉତୀର୍ଣ୍ଣ ହୋଇଛି। ଖୋର୍ଦ୍ଧା ଦଳର ତାରିଣୀ ପ୍ରସାଦ ନାଏକ ମ୍ୟାନ୍ ଅଫଦି ମ୍ୟାଚ୍ ବିବେଚିତ ହୋଇ ପୂର୍ବତନ ଖେଳାଳି ରାଜେଶ ପ୍ରଧାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଆସନ୍ତାକାଲି ଶୁକ୍ରବାର ଖୋର୍ଦ୍ଧା ଓ ଅନଗୁଳ ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଆଜିର ମ୍ୟାଚ୍‌କୁ ପରିଚାଳନା କରିଥିଲେ ଟୁକୁ ବାହାଦୁର ଓ ଅମରେଶ ପ୍ରଧାନ। ପଲସ୍ତି ରାଉଳ ଧାରାବିବରଣୀ ପ୍ରଦାନ କରିଥିଲେ।

# ହିମିତିରାରେ ଧାନମଣ୍ଡି ଉଦ୍‌ଘାଟିତ



**କିଶୋରନଗର, ୨୮ ।୧୨(ସମିସ):** କିଶୋରନଗର ବ୍ଲକ ହିମିତିରା ସେବା ସମବାୟ ସମିତିରେ ଗୁରୁବାରଦିନ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏଥିରେ ସମିତିର ସଭାପତି ବବ୍ରୁବାହାନ ବେହେରା ଯୋଗଦେଇ ଧାନମଣ୍ଡି ଶୁଭାରମ୍ଭ କରିଥିଲେ। ପୁରୋହିତ ସୁଶିଳ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ସମ୍ପାଦକ ପ୍ରୀତି ରଞ୍ଜନ ସାହୁ, ସଞ୍ଜୟ ପ୍ରଧାନ ଉପସ୍ଥିତ ରହି ସହଯୋଗ କରିଥିଲେ। ୧୪ ଜଣ ଚାଷୀ ପ୍ରାୟ ୧୫୨୦ କ୍ୱିଣ୍ଟାଲ ଧାନ ମଣ୍ଡିରେ ବିକ୍ରି କରିଥିଲେ।

# କୋଠଘର ନିର୍ମାଣ ପାଇଁ ଚାଷଜମିରେ ଲେଆଉଟ୍

- ଆରଆଇଙ୍କ ନାଁରେ ଜମି ମାଲିକ ଦେଲେ ଏତଲା



**କିଶୋରନଗର, ୨୮ ।୧୨(ସମିସ):** କିଶୋରନଗର ବ୍ଲକ ବାମୁର ପଞ୍ଚାୟତର ସହଦେବ ବନ୍ଧୁ ପାଲ୍ଲିରେ କୋଠଘର ନିର୍ମାଣ ପାଇଁ ରେକର୍ଡ ଜମିରେ ଆର୍‌ଆଇଙ୍କ ଜାଗା ଚିହ୍ନଟକୁ ନେଇ ଜମି ମାଲିକ ଥାନାରେ ଏତଲା ଦେଲେ।

ଜମି ମାଲିକ ସୁଶାନ୍ତ କୁମାର ପ୍ରଧାନଙ୍କ ଏତଲାରେ ଦର୍ଶାଯାଇଛି ଯେ ସହଦେବ ବନ୍ଧୁ ପାଲ୍ଲିରେ ସରକାରୀ କୋଠଘର ନିର୍ମାଣ ପାଇଁ ସରକାରୀ ଜାଗାରେ ବାମୁର ଆର୍‌ଆଇ ଦୁଷ୍ମନ୍ତ ବେହେରା ଜାଗା ନଦେଇ ତାଙ୍କର ଖାତା ନଂ ୨୧ ଓ ୪୫୭ ନମ୍ବର ପ୍ଲଟରେ ଥିବା ୮ ଡିସମିଲ ଚାଷଜମିରେ ଜମି ମାଲିକଙ୍କୁ ନଜଣାଇ ଜାଗା ଚିହ୍ନଟ କରିଛନ୍ତି। ଏହାକୁ ନେଇ ଜମିମାଲିକ ଶ୍ରୀ ପ୍ରଧାନ ଆରଆଇଙ୍କ ବିରୋଧରେ କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ଚାଷଜମିରେ ଶ୍ରୀ ପ୍ରଧାନଙ୍କ ଧାନପେଟା ପଡ଼ି ରହିଛି। ଭୂଲ ଜାଗା ଚିହ୍ନଟ କରିଥିବା ଆର୍‌ଆଇଙ୍କ ବିରୋଧରେ ପ୍ରଶାସନ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା।

# ବେଆଇନ ଚାରି ମହଲା ଅଟ୍ଟାଳିକାରେ ଚାଲିଛି ନର୍ସିଂହୋମ୍

ତାଳଚେରସଦର, ୨୮ ।୧୨(ସମିସ)

ତାଳଚେର ସରକାରୀ ଡାକ୍ତରଖାନା ନିକଟସ୍ଥ ଏକ ନର୍ସିଂ ହୋମ ତାଳଚେର ପୌରପରିଷଦର ତିନି ନମ୍ବର ୱାର୍ଡରେ ଅବସ୍ଥିତ। ତେବେ ତାଳଚେର ସହରରେ ଭୂତଳ କୋଇଲା ଖଣି ଖନନ କରାଯାଇଥିବାରୁ ଏହା ଅସୁରକ୍ଷିତ

## ବିପଦରେ ରୋଗୀ ସେବା

ଅବସ୍ଥାରେ ରହିଛି। ଏହି ଅଞ୍ଚଳରେ ଉଚ୍ଚ ଅଟାଳିକା ନିର୍ମାଣରେଟାମଡ଼ା ପକ୍ଷରୁ ରୋକ ଲଗାଯାଇଛି କିନ୍ତୁ ସମସ୍ତ ଆଇନକୁ ଉଲ୍ଲଂଘନ କରି ଏକ ନର୍ସିଂହୋମ ଖୋଲି ରୋଗୀ ସେବା ନାମରେ ପସରା ଖୋଲି ମନମୁଖୀ ଭାବେ କାର୍ଯ୍ୟ କରିବା ଦେଖିବାକୁ ମିଳିଛି। ତେଣୁ ତାଳଚେର ଅଞ୍ଚଳରେ ବେଆଇନ ଅଟାଳିକାକୁ ନେଇ ଏବେ ପୁଣି ପ୍ରଶ୍ନ ଉଠିଛି।

ତାଳଭେର ସହରରେ ବହୁ ଅଞ୍ଚଳ ଭୁତଳ କୋଇଲା ଖଣି ପାଇଁ ଦବି ଥିଲା ମଧ ସେହି ଦୃଷ୍ଟିରୁ ଙ୍ଗେମୁଆ, ଦେଉଳବେଡା, ନିଜଗଡ଼, ଚମ୍ପାପସୀ ଅଞ୍ଚଳରେ ତିନି ମହଲାରୁ ଉର୍ଦ୍ଧ୍ୱ କୋଠା ନିର୍ମାଣ ପାଇଁ ଅନୁମତି ନାହିଁ। ଏପରିକି ଏହି ନର୍ସିଂହୋମ ଟି ଚମ୍ପାପସି କୋଇଲା ଖଣି, ( ଯାହାକୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରି ଦିଆଯାଇଛି )ଠାରୁ ମାତ୍ର ୫ଶହ ମିଟରରୁ କମ ହେବ କିପରି ଏହି ବିପଦପୂର୍ଣ୍ଣ ଅଞ୍ଚଳରେ ୪ମହଲା ଅଟ୍ଟାଳିକା ନିର୍ମାଣ କରାଗଲା ସ୍ଥାନୀୟ ପୌର ପରିଷଦ, ଓ ତାମଡା କର୍ତ୍ତୃପକ୍ଷ କିପରି ଏହି ବେଆଇନ ଅଟ୍ଟାଳିକା ପ୍ରତି ନଜର ପଡୁନାହିଁ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକଟ କରାଯାଇଛି ।ଅପରପକ୍ଷରେ ତାଳଚେର ସରକାରୀ ଡାକ୍ତରଖାନା ପାଖରେ ଥିବା ଉକ୍ତ ନର୍ସିଂହୋମ ଚାରି ମହଲା ନିର୍ମାଣ କରି ବିନା ଅନୁମତିରେ ନର୍ସିଂହୋମ ଚାଲୁ କରି ନିରୀହ ରୋଗୀଙ୍କୁ ବିପଦ ମୁହଁକୁ ଠେଲି ଦେଇଛି ବୋଲି ଚର୍ଚ୍ଚା ହେଉଛି। ଆଉ ଏକ ସାଂଘାତିକ ଅଭିଯୋଗ ଯେ କିଛି ଦଲାଲ ସରକାରୀ ଡାକ୍ତରଖାନାରେରେ ପଇଁତରା ମାରି ବାହାରୁ ଆସୁଥିବା ନିରୀହ ରୋଗୀଙ୍କ ସମ୍ପର୍କିୟଙ୍କୁ ଭୁଲାଇ ସେଇ ପ୍ରାଇଭେଟ ନର୍ସିଂହୋମ କୁ ଯାଇ ଚିକିତ୍ସା କରିବା ପାଇଁ ପ୍ରବର୍ତ୍ତାଉଛନ୍ତି। ଏହି ବିରାଟକାୟ ଅଟାଳିକାକୁ ନେଇ ତାମଡା ଓ ପୌରପରିଷଦ ପକ୍ଷରୁ ରେଡ ହେବା ସାଙ୍ଗକୁ ଆଗରୁ ନୋଟିସ୍ ଦେଇଥିଲେ ମଧ୍ୟ ଘର ମାଲିକ ଏହାକୁ କର୍ଣ୍ଣପାତ କରୁନହାନ୍ତି ବୋଲି ଶୁଣିବାକୁ ମିଳୁଛି। କିନ୍ତୁ ସହରରେ ଏହି ସବୁ ବେଆଇନ୍ ଗୃହ ନିର୍ମାଣର କାର୍ଯ୍ୟ ତଦାରଖ କରିବା ପାଇଁ ତାମଡା ଠାରୁ ୭.୫.୨୦୨୨ରିଖରେ ପୌରପରିଷଦ ହାତକୁ ଆସିଛି ଯାହାଫଳରେ କି ଆଉ ତାମଡା ପରିବର୍ତ୍ତେ ପୌରପରିଷଦ ଏହି ବେଆଇନ ଅଟ୍ଟାଳିକା ଗୁଡିକର ତଦାରଖ କରିବା ସହ ଆଇନ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ କଡା ପଦକ୍ଷେପ ନିଆଯିବ ଏବଂ ଏହା ରାଜ୍ୟ ସରକାର ନଗର ଉନ୍ନୟନ ବିଭାଗ ଗୃହ ନିର୍ମାଣ ଓଡିଏ ଆକ୍ଟ ୧୯୮୨ସେକ୍ସନ ୯୧ଓ ୯୨ ଅନୁସାରେ ବେଆଇନ୍ ଅଟାଳିକା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଦେଶ ନାମା ରହିଛି। ତାଳଚେର ପୌରପରିଷଦରେ ଦାୟିତ୍ୱରେ ଥିବା ଅଧିକାରୀ ତୁରନ୍ତ ଏହି ବେଆଇନ ସଂସ୍ଥା ଉପରେ କଡା ଆଭିମୁଖ୍ୟ ଗ୍ରହଣ କରନ୍ତୁ ଯାହାଫଳରେ କି କିଛି ନିରୀହ ଜୀବନ ବିପଦରୁ ରକ୍ଷା ପାଇପାରିବ।



ଏ ବିଷୟରେ ପୌରପରିଷଦ ଫୋନ ଯୋଗେ ଯୋଗାଯୋଗ କଲେ ମଧ୍ୟ ସମ୍ପୃକ୍ତ ଅଧିକାରୀ ଫୋନ ଉଠାଉ ନଥିବାରୁ ଏହି ବେଆଇନି ଅଟାଳିକା ତଥା ନର୍ସିଂହୋମ ଉପରେ କଣ ପଦକ୍ଷେପ ନେଇଛନ୍ତି ଅଧିକ ତଥ୍ୟ ଜାଣିବା ସମ୍ଭବ ହୋଇପାରିନଥିଲା।

‘୫ଟି ଓ ନବୀନ ଓଡ଼ିଶା’ ଅଧ୍ୟକ୍ଷଙ୍କ ଅନୁଗୋଳ ଗସ୍ତ

# ଅଞ୍ଚଳର ବିକାଶ ପାଇଁ ୧୦୦ କୋଟିର ପ୍ରକଳ୍ପ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ

**ଅନୁଗୋଳ/ନାଲକୋନଗର/ବଣ୍ଟାଁରପାଳ, ୨୮ ।୧୨ (ସମିସ)**

ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗଦର୍ଶନରେ ଓଡ଼ିଶାର ବରେଣ୍ୟ କର୍ମଠ ଜାଗ୍ରତ ପ୍ରହରୀ ତଥା ସମସ୍ତଙ୍କ ଆଶା ଓ ବିଶ୍ୱାସର ମଣିଷ ‘୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଅନୁଗୋଳ ଗସ୍ତରେ ଆସି ବଣ୍ଟାଁରପାଳ ବ୍ଲକ ଅନ୍ତର୍ଗତ ଗଡ଼ସନ୍ତ୍ରୀ ପଞ୍ଚାୟତର ଲୋଭି ଠାକୁରାଣୀ ଯାତ୍ରା ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରେ ସଂପର୍କରେ ଆଲୋକପାତ କରିଛନ୍ତି। ଏହି ଅଞ୍ଚଳର ବିକାଶ ପାଇଁ ୧୦୦କୋଟି ଟଙ୍କାରର ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି ବୋଲି ଶ୍ରୀ ପାଣ୍ଡିଆନ ପ୍ରକାଶ କରିଥିଲେ। ମନ୍ଦିର, ମସଜିଦ, ଚର୍ଚ୍ଚ, ଭଳି ସାମାଜିକ ,ଧାର୍ମିକ ଅନୁଷ୍ଠାନର ସୁରକ୍ଷା ଓ ବିକାଶ ଦିଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପଦକ୍ଷେପ ନେଉଛନ୍ତି ।ଆବଶ୍ୟକ ପଡ଼ିଲେ ଅନୁଦାନ ରାଶିକୁ ବୃଦ୍ଧି କରାଯିବ। ଗମନାଗମନର ସୁବିଧା ପାଇଁ ଲକ୍ଷ୍ମୀ ଯୋଜନାରେ ସବୁ ପଞ୍ଚାୟତରୁ ବ୍ଲକ ସଦର ମହକୁମାକୁ ବସ୍ ଚାଲିବ। ମହିଳାମାନଙ୍କ ପାଇଁ ବସ୍ ଭଡା ୫ଟଙ୍କା ବୋଲି ସୂଚନା ଦେଇଥିଲେ। ଆୟୋଜିତ ସଭାସ୍ଥଳ ନିକଟ ହେଲିପ୍ୟାଡ ଠାରେ ପୂର୍ବତନ ମନ୍ତ୍ରୀ ଏବଂ ପୂର୍ବତନ ଉପବାଚସ୍ପତି ଅନୁଗୁଳ ବିଧାୟକ ରଜନୀକାନ୍ତ ସିଂହଙ୍କ ସମେତ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ବରିଷ୍ଟ କର୍ମକର୍ତ୍ତା ଓ ବରିଷ୍ଠ ଅଧିକାରୀ ଗଣ ଶ୍ରୀ ପାଣ୍ଡିଆନଙ୍କୁ ସ୍ୱାଗତ କରିଥିଲେ।

**ଲୋକଙ୍କ ଭଲ ପାଇବା ଯୋଗୁଁ ୬ଷ୍ଠ ଥର ବି ନବୀନ ସରକାର**

ହେଲିପ୍ୟାଡରୁ ମା’ଲୋଭିଠାକୁରାଣୀ ଦେବୀ ଦର୍ଶନ କରିଥିଲେ ।ମନ୍ଦିର ଟ୍ରଷ୍ଟି ସୁନୀଲ ମାଝୀ ଶ୍ରୀ ପାଣ୍ଡିଆନଙ୍କୁ ସ୍ୱାଗତ ଅଭ୍ୟର୍ଥନା ଜ୍ଞାପନ କରିବା ସହିତ ମନ୍ଦିରର ମହିମା ସମ୍ପର୍କରେ ଅବଗତ କରାଇଥିଲେ। ମନ୍ଦିର ପରିସର ଭିତରେ ମନ୍ଦିରର ଉନ୍ନତିକରଣ ପ୍ରକଳ୍ପର ସମୀକ୍ଷା କରିଥିଲେ। ପ୍ରିୟଦର୍ଶୀ ପଟ୍ଟନାୟକଙ୍କ ମଞ୍ଚ ସଚାଳନରେ ବିଧାୟକ ରଜନୀକାନ୍ତ ସିଂହ, ଜିଲ୍ଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ,ତ୍ରିଲୋଚନ ପ୍ରଧାନ, ଦୁର୍ଗାଚରଣ ପ୍ରଧାନ, ବୃନ୍ଦାବନ ସ୍ୱାଇଁ, ଭାଇଗ ମାଝୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା,ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ, ଯୁବ ନେତା ଅରୁନାଭ ସିଂହ,ବସୁଧା ଉପଦେଷ୍ଟା ଦିନେଶ ପ୍ରଧାନ, ତମଡା ଅଧ୍ୟକ୍ଷ ମୀନକେତନ ଅମାନ୍ତ ,ଅନୁଗୋଳ ନଗରପାଳ ଅକ୍ଷୟ ସାମନ୍ତ, ପୂର୍ବତନ ନଗରପାଳ ପୂର୍ଣ୍ଣଚନ୍ଦ୍ର ରାଉତ,ପୂର୍ବତନ ନଗରପାଳିକା ସୁକାନ୍ତି ଦାସ, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ବିଜୟ ନାଥ, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ନାଏକ,ସ୍ଥାନୀୟ ଜିଲ୍ଲା ପରିଷଦ ମୀରା ଗଡ଼ନାୟକ, ବିଜେଡି ଜିଲ୍ଲା ସମ୍ପାଦକ ବାଉରିବନ୍ଧୁ ସାହୁ, ଦୁଷ୍ମନ୍ତ ଗଡ଼ନାୟକ ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

















# ପାଲଲହଡ଼ା ବ୍ଲକ୍‌କୁ କୋଟି କୋଟି ଟଙ୍କାର ଅନୁଦାନ ଘୋଷଣା

**ଅନୁଗୋଳ /ପାଲଲହଡ଼ା/ ଖମାର,୨୮ ।୧୨(ସମିସ)**

ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ଖମାରକୁ ଦିନିକିଆ ଗସ୍ତରେ ଆସିଲେ ‘୫-ଟି’ ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ଜନସମୁଦ୍ର ପାଲଟିଲା ଖମାର ଅଞ୍ଚଳ। ଶ୍ରୀ ପାଣ୍ଡିଆନ ହେଲିକପ୍ଟର ଯୋଗେ ଆସି ଖମାର କଲେଜ ପଡିଆରେ ନିର୍ମିତ ହେଲିପ୍ୟାଡରେ ପହଞ୍ଚିବା ପରେ ସେଠାରୁ ଖମାର ଜଗନ୍ନାଥ ମନ୍ଦିରକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିସାରିବା ପରେ, ମନ୍ଦିର ଟ୍ରଷ୍ଟ ସହ ମନ୍ଦିରର ଉନ୍ନତି କରଣ ବିଷୟରେ ଆଲୋଚନା କରିଥିଲେ। ସିଧାସଳଖ ଲୋକଙ୍କ ପାଖକୁ ଯାଇ ଅଭଯୋଗ ଗ୍ରହଣ କଲେ। ପରେ ଖମାର ଗୋପବନ୍ଧୁ ମହାବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ମିଶିଲେ ‘୫-ଟି’ଅଧକ୍ଷ । କଲେଜର ଉନ୍ନତିକରଣ ପାଇଁ ୫ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ପରେ କଲେଜ ପଡିଆ ଠାରେ ଆୟୋଜିତ ସାଧାରଣ ସଭା ରେ ଉପସ୍ଥିତ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପ୍ରଦାନ କରିଥିଲେ। ଜୋକପାଣି ଠାରୁ ସାରୁଆଳି ରାସ୍ତା ପାଇଁ ୫.୩୮ କୋଟି ଟଙ୍କା ,ସିବିଡା ଠାରୁ ଖଡ଼କା ରାସ୍ତା ପାଇଁ ୪୨କୋଟି ଟଙ୍କା, ଦଳକ ପଞ୍ଚାୟତର ନାଲମ ଗ୍ରାମକୁ ୧କୋଟି ୪୫ ଲକ୍ଷ ଅନୁଦାନ , ଅନ୍ଧାରି ନାଳ ଉପରେ ପୋଲ ନିର୍ମାଣ ପାଇଁ ଓଡ଼ଶ ଠାରୁ କୋଟିଆବେଡା ଗ୍ରାମକୁ ସଂଯୋଗୀକରଣ ପାଇଁ ୫.୩୮ କୋଟି ଟଙ୍କା ଏବଂ ପବିତ୍ରମୋହନ ସ୍ମୃତିପୀଠ ପାଇଁ ୩କୋଟି ଟଙ୍କା ତଥା ବ୍ରାହ୍ମଣୀ ନଦୀ ଉପରେ ତାଳପଦା ଠାରେ ନିର୍ମାଣ ହେବାକୁ ଥିବା ସେତୁର ନାମ ପବିତ୍ର ମୋହନ ସେତୁ ଭାବରେ ନାମିତ କରାଯାଇଥିବା ଅଧ୍ୟକ୍ଷ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାଶ, ଅନୁଗୋଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ କୁନବିହାରୀ ଦାଶ ,ପାଲଲହଡ଼ା ବିଧାୟକ ମୁକେଶ ପାଲ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଜିଲ୍ଲାପାଳ ସିଦ୍ଧାର୍ଥ ସ୍ୱାଇଁ, ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ କଣିହାଁ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ ପାଲଲହଡା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ୍ ପ୍ରମୁଖଙ୍କ ସମେତ ୫୦ ହଜାରରୁ ଉର୍ଦ୍ଧ୍ୱ ଜନତା ଯୋଗ ଦେଇଥିଲେ।















## ପ୍ରତାପଙ୍କୁ ଟ୍ରାଇ ସାଇକଲ ମିଳିଲା



**ଜଗତସିଂହପୁର, ୨୮ ।୧୨(ସମିସ):** ମେରୁଦଣ୍ଡ ଆଘାତ ଜନିତ କଷ୍ଟରେ ପୀଡିତ ଜଗତସିଂହପୁର ବ୍ଲକ କଣ୍ଟିଲୋ ପଞ୍ଚାୟତ କୋଶିଦା ଗ୍ରାମର ପ୍ରତାପ ମହାପାତ୍ର (୫୦)ଙ୍କୁ ପ୍ରଶାସନ ପକ୍ଷରୁ ଟ୍ରାଇ ସାଇକଲ ଯୋଗାଇ ଦିଆଯାଇଛି। ଟ୍ରାକ୍ଟର ଚାଳକ ପ୍ରତାପ ଦୁର୍ଘଟଣାଗ୍ରସ୍ତ ହେବା ପରେ ମେରୁଦଣ୍ଡ ଆଘାତ ଯୋଗୁ ଅଚଳ ହୋଇ ପଡ଼ିଛନ୍ତି। ତାଙ୍କର ଗୋଡ଼ ଠିକ୍ ଭାବେ କାମ କରୁନି। ଚଳପ୍ରଚଳ ହେବାରେ ସେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରା ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ। ଏ ନେଇ ଦୈନିକ 'ସକାଳ'ରେ ମଧ୍ୟ ଖବର ପ୍ରକାଶ ପାଇଥିଲା। ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ନାୟକଙ୍କ ପରାମର୍ଶ କ୍ରମେ ଜଗତସିଂହପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପରେଖା ସାହୁଙ୍କ ନିର୍ଦ୍ଦେଶକ୍ରମେ ମଧୁସୁଦନପୁର ଶାସନ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାଗୀରଥି ରାଉତରାୟ ଭିନ୍ନକ୍ଷମ ପ୍ରତାପଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି। ତେବେ ପ୍ରତାପଙ୍କୁ ଏ ପର୍ଯ୍ୟନ୍ତ ଭିନ୍ନକ୍ଷମ ଭତ୍ତା ମିଳିନାହିଁ।

### ନୈସର୍ଗିକ ପ୍ରାକୃତିକ ଶୋଭାର ଭଣ୍ଡାର

# ପର୍ଯ୍ୟଟନ ବିଭାଗ ଦୃଷ୍ଟି ଆଢୁଆଳରେ 'ବନ୍ଦର'

**ଜଗତସିଂହପୁର, ୨୮ ।୧୨(ସମିସ):**

ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅଧୀନ ମରିଚିପୁର ପଞ୍ଚାୟତର ନୈସର୍ଗିକ ପ୍ରାକୃତିକ ଶୋଭାର ଭଣ୍ଡାର 'ବନ୍ଦର' ବର୍ଷ ବର୍ଷ ଧରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ଆସୁଛି। ଏଠାକାର ପ୍ରାକୃତିକ ପରିବେଶ ଅନ୍ୟ ପର୍ଯ୍ୟଟନ ସ୍ଥଳଠାରୁ ସ୍ୱତନ୍ତ୍ର। ତେବେ ଉପଯୁକ୍ତ ପ୍ରଚାର ପ୍ରସାର ତଥା ପର୍ଯ୍ୟଟନ ସ୍ଥଳର ମାନ୍ୟତା ଅଭାବରୁ ଏ ପର୍ଯ୍ୟନ୍ତ ଏହା ଅବହେଳିତ ହୋଇରହିଛି। ପ୍ରତି ବର୍ଷ ଏଠାକୁ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ଏହା ସତ୍ତ୍ୱେ ପର୍ଯ୍ୟଟନ ବିଭାଗର ଏ ପର୍ଯ୍ୟନ୍ତ ଦୃଷ୍ଟି ପଡ଼ିନି।

ଦେବୀନଦୀ ଓ ବଙ୍ଗୋପସାଗର ମିଳନ ସ୍ଥଳରେ ଥିବା ପଠା ଉପରେ ଶହ ଶହ ଏକର ହେନ୍ତାଳ ବା ଲୁଣା ଜଙ୍ଗଲ ରହିଛି। ପୂର୍ବରେ ବଙ୍ଗୋପସାଗରର ଲହଡିମାଳା ଓ ଦିଗନ୍ତ ବିସ୍ତାର ସାମୁଦ୍ରିକ ଜଳରାଶିର ଅପରୂପ ଶୋଭା ପର୍ଯ୍ୟଟକଙ୍କୁ ମୁଗ୍ଧ କରିଥାଏ। ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ କଳରବ, କଙ୍କଡାଙ୍କ ଜଳକ୍ରୀଡା, ଦଳ ଦଳ ହରିଣଙ୍କ ନୀରିହ ଚାହାଣି ଓ ମୁହାଣର ଛୋଟ ଛୋଟ ଲହଡିରେ ଯନ୍ତ୍ରଚାଳିତ ଡଙ୍ଗାରେ ଭ୍ରମଣର ମଜା ନିଆରା ହୋଇଥାଏ। ଏଠାରେ ମା' ବନ୍ଦରେଇଙ୍କ



ମନ୍ଦିର ରହଛି। ଏହା ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପ୍ରତିବର୍ଷ ନୂଆ ବର୍ଷର୍ ହେଉ ବା ବର୍ଷର ଯେକୌଣସି ସମୟରେ ଏଠାକୁ ଦଳ ଦଳ ପର୍ଯ୍ୟଟକ ଆସୁଛନ୍ତି।

ଅତୀତରେ ନୌବାଣିଜ୍ୟର ମୁକସାକ୍ଷୀ ଥିବା 'ବନ୍ଦର' ତାର ନାମକରଣକୁ ସାର୍ଥକ କରିଛି। ହରିଶପୁରର ପାଟୁଆ ନଦୀ ଦେଇ ନୌବାଣିଜ୍ୟ ପାଇଁ ଅନୁପଯୁକ୍ତ ହେବାରୁ ଦେବୀନଦୀ ନୌବାଣିଜ୍ୟର ମାଧ୍ୟମ ପାଲଟିଥିଲା। ଏହି ନଦୀରେ ପଣ୍ୟ ଦ୍ରବ୍ୟ ପରିବହନ କରାଯିବା



ସହିତ ସେଠାରୁ ଜଗତସିଂହପୁର (ଅତୀତର ହରିହରପୁର)କୁ ଏଠାରୁ ବିଭିନ୍ନ ସାମଗ୍ରୀ ପଠାଯାଉଥିଲା। ବନ୍ଦରଠାରେ ବଣିକମାନଙ୍କ ଆଶ୍ରୟସ୍ଥଳ ରହିଥିଲା। କିମ୍ବଦନ୍ତୀ ଅନୁସାରେ ବନ୍ଦରର ପିଲିପାଇଠାରେ ଏକ ବତୀଘର ନିର୍ମାଣ କରାଯିବା ସହ ଏହା ସମୁଦ୍ର ପଥରେ ଦିଗବାରିଣୀ ଥିଲା। ଏହାର ଧ୍ୱଂସାବଶେଷ ଏବେ ମଧ୍ୟ ରହିଛି।

ଏଠାରେ ବନି, କେରୁଆ, ହେନ୍ତାଳ, କେରକେରା ଆଦି ଗଛର ସବୁଜିମା ସହ ଜୀବଜନ୍ତୁଙ୍କ ଉପସ୍ଥିତି ପର୍ଯ୍ୟକଙ୍କ ମନ ହରଣ କରିଥାଏ। ସେହିପରି ଏଠାରେ ନାଳିଆ ଆଦି ଘାସ, କଂସାରୀ ଲଟା ଓ ଅନ୍ୟାନ୍ୟ ଗୁଳ୍ମର ସବୁଜ ଆସ୍ତରଣ ଚମତ୍କାର ଦୃଶ୍ୟରାଜି ସୃଷ୍ଟି କରିଥାଏ। ଏଠାକାର ଜଙ୍ଗଲରେ ଦେଖାଉଥିବା ହରିଣ, ଠେକୁଆ, ସମ୍ବର, କୋକିଶିଆଳ, ହେଟାବାଘ, ବଣ ବିଲେଇ, ଓଧ ଓ ବିଲୁଆଙ୍କ ବିଚରଣ ପର୍ଯ୍ୟଟକଙ୍କ ମନକୁ ମୁଗ୍ଧ କରିଥାଏ।

ତେବେ ଏହି ପ୍ରାକୃତିକ ଶୋଭାର ଭଣ୍ଡାର ବନ୍ଦରରେ ପହଞ୍ଚିବାକୁ ବହୁ ଡେରିରେ ରାସ୍ତାଟିଏ ତିଆରି ହୋଇଛି; ହେଲେ ପାନୀୟଜଳ ଓ ମୌଳିକ ବିକାଶ ଜନିତ ବହୁ ସମସ୍ୟା ରହିଛି। ଏପରିକି ପର୍ଯ୍ୟଟକ ଜଳପଥରେ ବୁଲିବାକୁ ସରକାରୀ ଭାବେ ବୋଟ୍‌ର ସୁବିଧା ନାହିଁ। ସେହିପରି ବନ୍ଦରଠାରେ ଏକ ସାମୁଦ୍ରିକ ଥାନା ଓ ଫରେଷ୍ଟ ଅଫିସ ରହିଥିଲେ ମଧ୍ୟ ମାଫିଆ ନିର୍ବିଚାରରେ ଉପକୂଳ ସୁରକ୍ଷା ପ୍ରାଚୀର ମୂଲ୍ୟବାନ ହେନ୍ତାଳ ଜଙ୍ଗଲ କାଟି ସଫା କରିବାରେ ଲାଗିଛନ୍ତି। ବହୁ ଅଞ୍ଚଳରେ ଜଙ୍ଗଲ କ୍ଷୟ ହେବା ସହିତ ଏଠାରେ ନୂତନ ହେନ୍ତାଳ ଜଙ୍ଗଲ ସୃଷ୍ଟି ପାଇଁ କୌଣସି ଉଦ୍ୟମ କରାଯାଉନି। ଜଙ୍ଗଲ ନଷ୍ଟ ଦ୍ୱାରା ହରିଣ ଓ ବାରହା ଇତ୍ୟାଦି ଜନବସତି ଓ ଚାଷ ଜମିରେ ପ୍ରବେଶ କରିବା ଦ୍ୱାରା ମୃତ୍ୟୁ ମୁଖରେ ପଡୁଛନ୍ତି।

ବନ୍ଦରକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ପ୍ରଦାନ କରିବାକୁ ଅତୀତରେ ବହୁବାର ଦାବି ହୋଇଛି। ବିଭାଗ ପକ୍ଷରୁ ଏହାକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସାମିଲ କରିବା ସହ ଅବଶ୍ୟକ ଭିତ୍ତିଭୂମି ବିକାଶ ଆବଶ୍ୟକ।

## ଦଳକୁ ଆହୁରି ଅଧିକ ସଶକ୍ତ କରିବାକୁ ବିଜେଡି କର୍ମୀଙ୍କ ଦୃଢ଼ ଶପଥ



**ମଣିଜଙ୍ଗା, ୨୮ ।୧୨(ସମିସ):** ତିର୍ତ୍ତୋଲ ବ୍ଲକ ପିପ୍ପଳମାଧବ ପଞ୍ଚାୟତ ବିଜେଡି କାର୍ଯ୍ୟାଳୟରେ ଦଳର ୨୭ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସ୍ଥିତ କର୍ମୀ ଦଳକୁ ଆହୁରି ଅଧିକ ସଶକ୍ତ କରିବାକୁ ଦୃଢ ଶପଥ ନେଇଛନ୍ତି। ନିକୁଞ୍ଜ ଖୁଣ୍ଟିଆଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପିପ୍ପଳମାଧବ ସରପଞ୍ଚ ଅଶୋକ ନାୟକ, ବୋଧେଇର ଅଭିରାମ ଆଚାର୍ଯ୍ୟ, ବରିଷ୍ଠ ନେତା ସନ୍ତୋଷ ନାୟକ, କୃପାସିନ୍ଧୁ ସାହୁ, ଜଗବନ୍ଧୁ ସ୍ୱାଇଁ, ସତ୍ୟବ୍ରତ ନାୟକ, ପ୍ରମୋଦ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଲେଙ୍କା, ସାମ୍ବାଦିକ ମିହିର ନାୟକ, ସ୍ମୃତିରଞ୍ଜନ ନାୟକ, କୁନିଆଁ ମହାନ୍ତି, ଗୌରାଙ୍ଗ ଖୁଣ୍ଟିଆ, ସୁବାସଚନ୍ଦ୍ର ମଲ୍ଲ, ନୃସିଂହ ବିଶ୍ୱାଳ, ରାଜେନ୍ଦ୍ର ଆଚାର୍ଯ୍ୟ, ରଞ୍ଜନ ଦାସ, ପବିତ୍ର ଦାସ, ଦେବେନ୍ଦ୍ର ସେଣ, ଦେବେନ୍ଦ୍ର ସ୍ୱାଇଁ, ନଗେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ

## ଡିଏଭି ପିପିଏଲ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ

**ପାରାଦୀପ, ୨୮ ।୧୨(ସମିସ):** ପାରାଦୀପ ପିପିଏଲସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ବାର୍ଷିକ କ୍ରୀଡ଼ା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବକୁ ପିପିଏଲର ମୁଖ୍ୟ ପ୍ରବନ୍ଧକ ଜଗନ୍ନାଥ ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଶାନ୍ତ ପ୍ରଧାନ (ଜିଏମ, ପିପିଏଲ)ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସଂଯୋଜିକା ରାଜଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶାଶ୍ୱତ ଭାରତୀୟ ଓ ଦିବ୍ୟେନ୍ଦୁ ଦାସ ସଞ୍ଚାଳନ କରିଥିଲେ। ଶୀତଲ ସିଂହ, ସାଗରିକା ସ୍ୱାଇଁ, ସୌମ୍ୟାଶ୍ରୀ ଦାଶ ଓ ଶିବରେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ବୃନ୍ଦାବନ ରାଉତଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଦିବସ ସମାହିତ ହୋଇଥିଲା।




## ପୁସ୍ତକ ମେଳା ସାଂସ୍କୃତିକ ସବ୍ କମିଟି ବୈଠକ

**ଜଗତସିଂହପୁର, ୨୮ ।୧୨(ସମିସ):** ଜଗତସିଂହପୁର ପୁସ୍ତକ ମେଳା ସାଂସ୍କୃତିକ ପରିଷଦର ସାଂସ୍କୃତିକ ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ପ୍ରଦୀପ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜାନୁଆରୀ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜଗତସିଂହପୁର ପୁସ୍ତକମେଳାର ରୌପ୍ୟ ଜୟନ୍ତୀ ସମାରୋହକୁ ଅଧିକରୁ ଅଧିକ ଲୋକାଭିମୁଖୀ କରିବାପାଇଁ ସଦସ୍ୟମାନେ ମତାମତ ରଖିଥିଲେ। ସକାଳ ୫ଟାରେ ମା' ସାରଳାଙ୍କ ମନ୍ଦିରରୁ ଜ୍ୟୋତି ଅଣାଯିବ। ସାଂସ୍କୃତିକ ଶୋଭାଯାତ୍ରା ମାଧ୍ୟମରେ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ଜନ ପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି, ସାଂସ୍କୃତିକ ପରିଷଦର କର୍ମକର୍ତ୍ତା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ସକାଳ ୮ଟାରେ ମେଳା ପରିସରରେ ଜ୍ୟୋତି ସ୍ଥାପନ କରାଯିବ। ସନ୍ଧ୍ୟା ୫ଟାରେ ପୁସ୍ତକ ମେଳା ଉଦ୍‌ଘାଟନ କରାଯିବ। ୭ ଦିନ ପର୍ଯ୍ୟନ୍ତ ମା' ଶାରଳାଙ୍କ ଘଣ୍ଟପାଟୁଆ, କବିତା ପାଠୋତ୍ସବ, କୁଇଜ କାର୍ଯ୍ୟକ୍ରମ, ବିଦ୍ୟାଳୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ଡ୍ରାମା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ। ଏଥି ନିମନ୍ତେ ଜାନୁଆରୀ ୫ ତାରିଖ ସୁଦ୍ଧା ଅନୁଷ୍ଠାନଗୁଡ଼ିକ ଆବେଦନ କରିବାକୁ ପଡ଼ିବ। ସାଂସ୍କୃତିକ କମିଟି ଉପାଧ୍ୟକ୍ଷ ବିଜୟ ରାଉତ, କାର୍ଯ୍ୟକାରୀଣୀ ସଦସ୍ୟ ମାନସ କାନୁନଗୋ କିମ୍ବା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଲିଖିତ ଆବେଦନ କରିବା ପାଇଁ ହେବ। ଉଦ୍‌ଘାଟନୀ ଦିବସ ଓ ଉଦଯାପନୀ ଦିବସରେ ସାଧାରଣ ସଭା ସହିତ ଅନ୍ୟ ଦିବସଗୁଡିକରେ ସନ୍ଧ୍ୟାରେ ସାହିତ୍ୟ ସଭା ଅନୁଷ୍ଠିତ ହେବ। ସଭା ପରେ ପ୍ରତିଦିନ ଜିଲ୍ଲା ଓ ଜିଲ୍ଲା ବାହାରର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସାଂସ୍କୃତିକ କମିଟିର ଆବାହକ ଉପାଧ୍ୟକ୍ଷ ବିଜୟ ରାଉତ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ସମ୍ପାଦକ ଶାରଦା ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ନରେଶ ଦାସ, ସାଂସ୍କୃତିକ କମିଟିର ସଦସ୍ୟ ପ୍ରଦୀପ୍ତ କିଶୋର ଚୌଧୁରୀ, ଲାଲା ସଂଗ୍ରାମ କେଶରୀ ରାୟ, ଅବନୀ କାନ୍ତ ମହାରଣା, ଦେବର୍ଷୀ ମହାନ୍ତି, ମନୋଜ ମହାପାତ୍ର, ମନୋଜ ଦାଶ, ଦୁର୍ଯ୍ୟୋଧନ ମହାରଣା, ପ୍ରଦୀପ ସାହୁ, ଶ୍ରଦ୍ଧାମୟୀ ରାଉତ, ସତ୍ୟବ୍ରତ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଏକାଦଶାହରେ ଗାଁ ମୁରବୀଙ୍କୁ ଶ୍ରଦ୍ଧାଞ୍ଜଳି



**ଜଗତସିଂହପୁର, ୨୮ ।୧୨ (ସମିସ ):** ଏରସମା ବ୍ଲକର ସୋମପୁର ପଞ୍ଚାୟତର ବାନ୍ଧବପୁର ଗ୍ରାମର ବର୍ଷିଆନ ଗ୍ରାମ୍ୟ ମୁରବି ଗଡେଶ୍ୱର ସାହୁଙ୍କ ଏକାଦଶାହରେ ତାଙ୍କ ଜନ୍ମମାଟିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଆଇନଜୀବୀ ବୀରନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଗଡେଶ୍ୱର ସାହୁ ନିଜ ଗ୍ରାମ ସହିତ ସମଗ୍ର ଅଞ୍ଚଳରେ ଜଣେ ପରୋପକାରୀ ତଥା ଦରଦୀ ମଣିଷ ହିସାବରେ ପରିଚିତ ଥିଲେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଗବାନ ରାଉତ, ଶଙ୍କର୍ଷଣ ବାରିକ, ବିପିନବିହାରୀ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଈଶ୍ୱରଚନ୍ଦ୍ର ସାହୁ, ଅନନ୍ତ ଚରଣ ସାହୁ, ହର୍ଷ ସାହୁ, ଜଟାଧାରୀ ସ୍ୱାଇଁ, ନାରାୟଣ ସାହୁ, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ କିଶୋର ପରିଡ଼ା, ରମେଶଚନ୍ଦ୍ର ଶାସମଲ ଓ ରବିନାରାୟଣ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ।

## ଉତ୍ତରେଶ୍ୱର ଉଚ୍ଚ ବିଦ୍ୟାଳୟରେ ଚକ୍ଷୁ ଚିକିତ୍ସା ଶିବିର



**ବାଲିକୁଦା, ୨୮ ।୧୨(ସମିସ):** ଅପଣ୍ଡରା ପଞ୍ଚାୟତ ପୋଦରୁଆଁ ଗ୍ରାମର ଉତ୍ତରେଶ୍ୱର ଉଚ୍ଚ ବିଦ୍ୟାଳୟରେ କଟକ ରୋଟାରି କ୍ଲବ୍ ଆନୁକୂଲ୍ୟରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସ୍ୱାଇଁ, ଶିକ୍ଷକ ସନ୍ତୋଷ ବିଶ୍ୱାଳ, ଶିକ୍ଷକ ଅଶୋକ ବିଶ୍ୱାଳ, ନାଏବ ସରପଞ୍ଚ ଅଜୟ ମହାନ୍ତି ଉପସ୍ଥିତ ଥିଲେ। ଡାକ୍ତର ପରେଶ ସାହୁ, ବିନୋଦିନୀ ଦାସ, ଅଙ୍କିତା ରାଉତ ଓ ବର୍ଷା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତି, ଜୟରାମ ବିଶ୍ୱାଳ, ରଞ୍ଜନ ବିଶ୍ୱାଳ, ବାବୁଲି ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ, ଜଗନ୍ନାଥ ମହାନ୍ତି, ସତ୍ୟାନନ୍ଦ ବିଶ୍ୱାଳ, ବାଇଧର ବିଶ୍ୱାଳ, ପ୍ରହଲ୍ଲାଦ ସେଠି, ବାଦଲ ପଣ୍ଡା, ମାନସ ପଣ୍ଡା, ବିକ୍ରମ ବାରିକ, ଅରୁଣ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱଶାନ୍ତି ଗୀତାମହାଯଜ୍ଞ ଉଦ୍‌ଯାପିତ

**ଜଗତସିଂହପୁର, ୨୮ ।୧୨(ସମିସ):** ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତର ରଣପୁରସ୍ଥିତ ଜାଗ୍ରତ ଗୌରୀ ପୀଠରେ ୫ଦିନ ବ୍ୟାପି ଚାଲିଥିବା ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଶେଷ ହୋଇଛି। ପ୍ରଫୁଲ୍ଲ ମିଶ୍ର, ବିଭୁପ୍ରସାଦ ଶତପଥୀ, ନେତ୍ରାନନ୍ଦ ଷଡଙ୍ଗୀ, ହୃଦାନନ୍ଦ ପଣ୍ଡା, ବୁଟୁ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ହୃଷିକେଶ ସାହୁ, ଆଇନଜୀବୀ ବୀରନାରାୟଣ ପାତ୍ର, ସଭାପତି ବଟକୃଷ୍ଣ ମିଶ୍ର, ସମ୍ପାଦକ ଚନ୍ଦ୍ରଶେଖର ଶତପଥୀ, ଶରତଚନ୍ଦ୍ର ବାରିକ, ଚକ୍ରଧର ଷଡଙ୍ଗୀ, ନରୋତ୍ତମ ଶତପଥୀ, ରାମଚନ୍ଦ୍ର ଗାୟା, ସୁଶାନ୍ତ ମହାନ୍ତି, ପ୍ରାଣକୃଷ୍ଣ ସାହୁ, ଆର୍ତ୍ତତ୍ରାଣ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ଦୁର୍ଗା ଚରଣ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ାରେ ୩ ଛାତ୍ରୀ ଅସୁସ୍ଥ

**ଏରସମା, ୨୮ ।୧୨(ସମିସ):** ଗୋଡ଼ା ହାଇସ୍କୁଲ ପଡ଼ିଆରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ୩ ଜଣ ଛାତ୍ରୀ ଅସୁସ୍ଥ ହୋଇଛନ୍ତି। ଗୋଡ଼ା ବୃନ୍ଦାବନ ମହାବିଦ୍ୟାଳୟ ଏବଂ ଏରସମା କୋଠି ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ମହିଳା କବାଡି ପ୍ରତିଯୋଗିତା ଚାଲିଥିବା ସମୟରେ ଏହି ଘଟଣା ଘଟିଛି। ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ସ୍ମୃତିପ୍ରଜ୍ଞା ଜେନା, ସନ୍ଦୀପ୍ତା ସାମଲ, ସ୍ମୃତିମୟୀ ରାଉତରାୟ ଅସୁସ୍ଥ ହୋଇପଡ଼ିଥିଲେ। ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଥିଲା।

## ନୂଆଗଡ଼ ପଞ୍ଚାୟତରେ ଷ୍ଟ୍ରିଟ୍‌ଲାଇଟ୍ ସ୍ଥାପିତ



**ପାରାଦୀପ, ୨୮ ।୧୨(ସମିସ):** ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ ପାରାଦୀପ ନୂଆଗଡ଼ ପଞ୍ଚାୟତର ମୂଷାଡିଆ ଗ୍ରାମରେ ୧୯ଟି ସୌର ଶକ୍ତିସମ୍ପନ୍ନ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରିଛି। ସିଏସ୍‌ଆର୍ ବିଭାଗ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁଙ୍କ ଉପସ୍ଥିତିରେ ଏହା ଉଦ୍‌ଘାଟିତ ହୋଇଛି।

## ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ

**ଜଗତସିଂହପୁର, ୨୮ ।୧୨(ସମିସ):** ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭାରତୀୟ ଜାତୀୟ କଂଗ୍ରେସର ୧୩୯ତମ ପ୍ରତିଷ୍ଠା ଦିବସ ସ୍ୱାଧୀନତା ସଂଗ୍ରାମୀ ଅଳକା ଆଶ୍ରମ ସ୍ମୃତି ପରିଷଦ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ସଭାପତିତ୍ୱ କରିଥିଲେ। ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନିକୁଞ୍ଜ କିଶୋର ବେହେରା, ପ୍ରିୟମ୍ବଦା ପାଣି, ଅଦୈତ ଜେନା, ଅଭୟ ମହାନ୍ତି, ପ୍ରଶାନ୍ତ ମଲ୍ଲିକ, ସର୍ବେଶ୍ୱର ପଣ୍ଡା, ମହନି ଚରଣ ରାଉତ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଲକ୍ଷ୍ମୀନାରାୟଣ ସାମନ୍ତରାୟ, ପ୍ରସନ୍ନ ସାମନ୍ତରାୟ, ମାନସୀ ନନ୍ଦ, ଜଗଦାନନ୍ଦ ବେହେରା, ସେଖ ଅମିନୁସ ସାଜେଦିନ, ବେଦଦ୍ୟୁତି ପୃଷ୍ଟି, ପ୍ରଦୀପ୍ତ ସାହୁ, ସିଦ୍ଧାର୍ଥ ତ୍ରିପାଠୀ, ମାନସ ରଥ, ରଜନୀକାନ୍ତ ଚୌଧୁରୀ, ନସିମ ଖାଁ, କୃଷ୍ଣଚନ୍ଦ୍ର ପ୍ରଧାନ୍, ଜଗଦାନନ୍ଦ ପଡ଼ିହାରୀ, ସାଗରିକା ଦାଶ, ପ୍ରବୀର ପରିଜା, ଦାସରଥୀ ସ୍ୱାଇଁ, ଲିପୁ ମହାନ୍ତି, ଅବନୀକାନ୍ତ ମହାରଣା, ସରପଞ୍ଚ ପ୍ରମୋଦ ସାହୁ, ଅଞ୍ଜନ ସାମଲ, ଅଶୋକ ଭୋଇ, ସିଦ୍ଧାର୍ଥ ଶଙ୍କର ରାୟ, ହିମାଂଶୁ ପରିଡ଼ା, କୈଳାସ ଦାସ, ନାରାୟଣ କାନୁନଗୋ, ନିରଞ୍ଜନ ସେନ, ଭକ୍ତ ଚରଣ ଦାସ, ରବି ଆଚାର୍ଯ୍ୟ, ଦେବେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧୁମିଳନରେ ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରଛାତ୍ରୀ




**ରଘୁନାଥପୁର, ୨୮ ।୧୨(ସମିସ):**

ରଘୁନାଥପୁର ବ୍ଲକ ଗୋକୁଳପୁର ସାରଦା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ବନ୍ଧୁମିଳନ ଉତ୍ସବରେ ସ୍କୁଲ ଜୀବନର ସ୍ମୃତି ସାଉଁଟିଛନ୍ତି। ମହାନଦୀ ପଠା ସତିବନ ଭିକାରୀ ବାବା ଆଶ୍ରମ ନିକଟରେ ଏହି ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ସୁବାସ ଚନ୍ଦ୍ର ସିଂହ, ଦେବେନ୍ଦ୍ର ବରାଳ, ରବୀନ୍ଦ୍ର ସ୍ୱାଇଁ, ଲଳିତ ଦାସ, ଯଶୋବନ୍ତ ସିଂହ, ଶାରଦାପ୍ରସନ୍ନ ସାହୁ, ବଳରାମ ସିଂହ, ଦେବବ୍ରତ ବାରିକ, ରଞ୍ଜନ ଦାସ, ସନାତନ ହାଟୁଆ, ଅଲେଖ ପରିଡ଼ା, ସନିଆ ହାଟୁଆ, ବିଭୁପ୍ରସାଦ ମହାନ୍ତି, ଶୁଭେନ୍ଦୁ ମହାରଣା, ଶରତ ବେହେରା, ରଶ୍ମିତା ପାଲ୍, ଗୀତାଞ୍ଜଳୀ ଦାସ, କାଦମ୍ବିନୀ ସାହୁ, ମିନାରାଣୀ ଦାସ, ରୁନାଶ୍ରୀ ପରିଡ଼ା, ରଶ୍ମିତା ଦାସ, ଚିନ୍ମୟୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀ ମାନଗୋବିନ୍ଦ ମଲ୍ଲିକଙ୍କ ସ୍ମୃତିସଭା



**କେନ୍ଦ୍ରାପଡ଼,୨୮ ।୧୨(ସମିସ):** ଗରାପୁରସ୍ଥିତ ଡାକବଙ୍ଗଳା ପରିସରରେ ସ୍ୱାଧୀନତା ସଂଗ୍ରାମୀ ମାନଗୋବିନ୍ଦ ମଲ୍ଲିକଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଇସ୍ପାତ ଓ ଖଣିଜ ସମ୍ପଦ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ସଂଗ୍ରାମୀ ସ୍ୱର୍ଗତ ମଲ୍ଲିକଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅଧ୍ୟାପକ ନନ୍ଦକିଶୋର ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଯୁବନେତା ରାଜେଶ ପଣ୍ଡା, ଡ. ବାସୁଦେବ ଦାସ, ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସମିତିର ରାଜ୍ୟ ସମ୍ପାଦକ ବିଜୟ ତ୍ରିପାଠୀ, ଶରତଚନ୍ଦ୍ର ପ୍ରଧାନ, ରମଣୀରଞ୍ଜନ ରାଉତରାୟ, ଗୟାଧର ଧଳ, ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ସୀତାକାନ୍ତ ନାୟକ, ଆଦିକନ୍ଦ ରାଉଳ, ଅଜୟ ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଲ୍ଲିକଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ବିମ୍ବାଧର ମୁଦୁଲି ଏଥିରେ ଅଧ୍ୟକ୍ଷତା କରିଥିଲେ ।

## ଦ୍ୱାଦଶାହରେ ସ୍ମୃତିଚାରଣ



**ମାର୍ଶାଘାଇ,୨୮ ।୧୨(ସମିସ):** ବାଲିକଷଟି ଗ୍ରାମ ଘୋଲ ଅଞ୍ଚଳରେ ନିତ୍ୟାନନ୍ଦ ବସନ୍ତିଆଙ୍କ ଦ୍ୱାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ମଣିକୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ମନୋରଞ୍ଜନ ସାମଲ, ଶିକ୍ଷାବିତ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ଧୂନାକିଶୋର ନାୟକ, ହୃଷିକେଶ ବେହେରା, ପ୍ରଫୁଲ୍ଲ ରାଉତ, ବୈଷ୍ଣବ ସାହୁ, ଦେବି ପ୍ରସାଦ ବେହେରା, ଅରକ୍ଷିତ ବାରିକ, ଅଧିରକୁମାର ପ୍ରଧାନ ପ୍ରମୁଖ ସ୍ମୃତିଚାରଣ କରିଥିଲେ ।

## ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା

**ରାଜନଗର,୨୮ ।୧୨(ସମିସ):** ରାଜନଗର ବ୍ଲକ ରାଜନଗର ଗ୍ରାମର ଦୋଳଗୋବିନ୍ଦ ସାହୁ ଦୀର୍ଘଦିନ ଅସୁସ୍ଥ ରହିବା ପରେ ତାଙ୍କର ମୃତ୍ୟୁ ଘଟିଛି । ଅଭାବ ଅନାଟନରେ ଜୀବନ ବିତାଉଥିବା ତାଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି । ତହସିଲଦାରଙ୍କ କାର୍ଯ୍ୟାଳୟରେ ରାଜନଗର ବିଧାୟକ ଧ୍ରୁବ ସାହୁ ତାଙ୍କ ପରିବାର ସଦସ୍ୟଙ୍କୁ ଏହି ସହାୟତା ପ୍ରଦାନ କରିଛନ୍ତି । ରାଜନଗର ତହସିଲଦାର ଅଜୟ ମହାନ୍ତି, ବ୍ଲକ ବିଜେଡି ସଭାପତି ନିରଂଜନ ରାଉତ, ଯୁବନେତା ଚିତ୍ତରଂଜନ ଦାସ, ରାଜା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।



● ରାଜ୍ୟସ୍ତରୀୟ ଗୀତାଜ୍ଞାନ ଯଜ୍ଞ ଉଦ୍‌ଯାପିତ

# ‘ଗୀତା ହେଉଛି ସୃଷ୍ଟିର ସମ୍ବିଧାନ ଓ ଜୀବନ ସଂହିତା’

**ରଘୁନାଥପୁର,୨୮ ।୧୨(ସମିସ)**

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅଧୀନ ଚାନ୍ଦପୁରଠାରେ ୫ ଦିନ ବ୍ୟାପୀ ଚାଲିଥିବା ରାଜ୍ୟସ୍ତରୀୟ ଗୀତାଜ୍ଞାନ ଯଜ୍ଞ କମିଟି ପକ୍ଷରୁ ୩୭ତମ ଗୀତା ଜ୍ଞାନ ଯଜ୍ଞ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବୀ ସୁଭଦ୍ରାଙ୍କ ମୁଖ୍ୟ ବାଡଗ୍ରାହୀ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର ଯୋଗ ଦେଇଥିଲେ । ଗୀତା ହେଉଛି ସୃଷ୍ଟିର ସମ୍ବିଧାନ । ମୃତ୍ୟୁରୁ ଅମୃତ ପଥକୁ ଗମନ କରିବା ପାଇଁ ଗୀତା ପଠନ ଆବଶ୍ୟକ ବୋଲି ସେ କହିଥିଲେ । ଶ୍ରୀ ଦାସ ଆହୁରି କହିଲେ ଯେ, ଗୀତାରେ ସୃଷ୍ଟିର ରହସ୍ୟ ଓ ଜୀବନ ଦର୍ଶନ ରହିଛି । ଛାତ୍ରଛାତ୍ରୀଙ୍କୁ ଆଧ୍ୟାତ୍ମିକ ଶିକ୍ଷା ଦିଆଯିବା ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ ଏଥିରେ ମୁଖ୍ୟ ବକ୍ତା ଭାବେ ବାବା ଦିବାକର ଦାସ ଯୋଗଦେଇ କହିଲେ ଯେ,



ଗୀତା ହେଉଛି ବିଶ୍ୱର ସର୍ବଶ୍ରେଷ୍ଠ ମାନବ ଗ୍ରନ୍ଥ । ଗୀତାର ପ୍ରତ୍ୟେକଟି ଶ୍ଲୋକ ଅମୃତ ସମାନ । ଗୀତା ମଣିଷକୁ ପ୍ରେରଣା ଯୋଗାଇଥାଏ । ମନୁଷ୍ୟକୁ ସ୍ଥିତପ୍ରଜ୍ଞ କରାଇଥାଏ ବୋଲି ସେ କହିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ ରଘୁନାଥପୁର ମଣ୍ଡଳ ଶିକ୍ଷା ଅଧିକାରୀ ବିଜୟ ସ୍ୱାଇଁ ଯୋଗଦେଇ ପ୍ରତିଦିନ ଗୀତାର ଗୋଟିଏ ଅଧ୍ୟାୟ ପଠନ କରିବା ଆବଶ୍ୟକ ବୋଲି କହିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ପ୍ରାଧ୍ୟାପକ ଦେବେନ୍ଦ୍ରନାଥ ବାରିକ, ଅଧ୍ୟାପକ ଶରତ ରାଉୟରାୟ, ବରିଷ୍ଠ ଆଇନଜୀବୀ ଏମ୍‌ଏନ୍ ହର୍ଷବର୍ଦ୍ଧନ ଯୋଗ ଦେଇଥିଲେ । ଏଥିରେ ରାଜ୍ୟସ୍ତରୀୟ ଗୀତା ଜ୍ଞାନ କମିଟିର ସଭାପତି ବିଜୟ ସ୍ୱାଇଁ ପୌରୋହିତ୍ୟ କରି ସମଗ୍ର ବିଶ୍ୱ ଗୀତା ନିକଟରେ ମଥାନତ କରେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରମାରଂଜନ ସ୍ୱାଇଁ, ଶିକ୍ଷାବିତ ପ୍ରଦୀପ୍ତ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷକ ପ୍ରଣତିଲତା ଦାଶ, ବୃନ୍ଦାବନଚନ୍ଦ୍ର ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷୟତ୍ରୀ ରୀତା ରାଉତ, ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ, ଅଧ୍ୟାପକ ଭଗବାନ ବିଶ୍ୱାଳ, ଶିକ୍ଷାବିତ ସଦାଶିବ ବିଶ୍ୱାଳ, ଶିକ୍ଷକ ନିକୁଞ୍ଜ କିଶୋର ଦାଶ, ଶିକ୍ଷକ ନେତା ନିର୍ମଳେନ୍ଦୁ ସୋମ, ଶିକ୍ଷକ ଉମେଶ ନାୟକ, କୁଶ ମଲ୍ଲିକ, ପଣ୍ଡିତ ପ୍ରଭାତ କିରଣ ମିଶ୍ର ପ୍ରମୁଖ ଯୋଗଦେଇ ଗୀତାରେ ଜୀବନ ଦର୍ଶନ ରହିଛି ବୋଲି କହିଥିଲେ । ଶିକ୍ଷାବିତ ପ୍ୟାରୀମୋହନ ପଟ୍ଟନାୟକ, କବିସୂର୍ଯ୍ୟ ସ୍ୱାଇଁ, ଗଣେଶ୍ୱର ଓଝା, ଅଜୟ ସ୍ୱାଇଁ, ଅଭୟ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

## ଡେରାବିଶ ମହୋତ୍ସବର ଚତୁର୍ଥ ସନ୍ଧ୍ୟା



**ଡେରାବିଶ,୨୮ ।୧୨(ସମିସ)**

ଗୋଲରାହାଟ ମିନି ଷ୍ଟିଡ଼ିୟମରେ ଡେରାବିଶ ସାଂସ୍କୃତିକ ସଂଗଠନ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ଦ୍ୱାଦଶ ଡେରାବିଶ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ଏବଂ ରତିକାନ୍ତ କାନୁନ୍‌ଗୋ ଯୋଗ ଦେଇଥିଲେ । ଏହି ଅବସରରେ ଜଟଣୀ ନୁପୁର ଧ୍ୱନି ସାଂସ୍କୃତିକ ଅନୁଷ୍ଠାନ, ଡେରାବିଶ ନହଙ୍ଗର ରୟାଲଷ୍ଟାର ଡ୍ୟାନ୍ସ ଏକାଡ଼େମୀ, କେନ୍ଦ୍ରାପଡ଼ାର ପିଏମ୍‌ଡିସିଏ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟଗୀତ ଅନୁଷ୍ଠିତ ହୋଇଥିଲା । ବିପିନ ବିହାରୀ ସାହୁ ଅଧ୍ୟକ୍ଷତା କରିଥିଲେ । ଅଧ୍ୟାପକ ଗୋଲକ ମହାଭୋଇ ସଂଯୋଜନା କରିଥିଲେ । ଅନୁପ ରାଉତ ଅତିଥି ପରିଚୟ ଦେଇଥିବାବେଳେ ଧରଣୀଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅତୁଲ୍ୟ ରଥ ସଂଯୋଜନା କରିଥିବା ବେଳେ ମରୁତ ସ୍ୱାଇଁ, ସତ୍ୟଜିତ ଲେଙ୍କା, ଶାହାଜାନ୍ ଖାଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ

**ଡେରାବିଶ,୨୮ ।୧୨(ସମିସ):** ଡେରାବିଶ ଶିକ୍ଷା ସର୍କଲ ଅଧୀନ ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ୩୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ନେଇ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଶୈକ୍ଷିକ ପରିଭ୍ରମଣରେ ଯାଇଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଗୋଷ୍ଠୀ ସମ୍ବଳ ଶିକ୍ଷକ ଜୟନ୍ତ ପ୍ରସାଦ ସ୍ୱାଇଁ, ସୁଶାନ୍ତ ନାୟକ, ଭବାନୀ ଶଙ୍କର ପଣ୍ଡା ଓ ପ୍ରଦ୍ୟୁମ୍ନ କିଶୋର ଜେନା କଟକସ୍ଥିତ ନୌବାଣିଜ୍ୟ କେନ୍ଦ୍ର ଏବଂ ବାରବାଟି ଦୁର୍ଗ ବୁଲାଇ ଦେଖାଇବା ସହ ଏହାର ଇତିହାସ ସମ୍ପର୍କରେ ଅବଗତ କରାଇଥିଲେ । ଏହା ଛାତ୍ରଛାତ୍ରୀଙ୍କୁ ମା’ କଟକ ଚଣ୍ଡୀଙ୍କ ଦର୍ଶନ କରାଇବା ସହ ନୌକା ବିହାର ସ୍ଥଳ ବୁଲି ଦେଖାଇଥିଲେ । ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟର ହିସାବ ରକ୍ଷକ ନୃସିଂହ ଚରଣ ଜେନା, ବିକାଶ ଜେନା ଏବଂ ଅନ୍ନପୂର୍ଣ୍ଣା ସାମଲ ପରିଚାଳନା କରିଥିଲେ ।



## ଦୋହଲୀ ହାଇସ୍କୁଲର ୧୯୭୬ ବ୍ୟାଚ୍ ବନ୍ଧୁମିଳନ

**ଡେରାବିଶ,୨୮ ।୧୨(ସମିସ)**

ଦାନପୁର ପଞ୍ଚାୟତ ଦୋହଲୀସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୧୯୭୬ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଗୌରାଙ୍ଗ ଚରଣ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଅଶୋକ ମହାନ୍ତି ସଭା ପରିଚାଳନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ କୁଞ୍ଜବିହାରୀ ମହାପାତ୍ର, ଶିକ୍ଷୟିତ୍ରୀ କ୍ଷିରୋଦବାଳା ପରିଡ଼ା, ଦୁର୍ଗାଚରଣ ଭଦ୍ର, କେଶବଚନ୍ଦ୍ର ନାୟକ, ଧନଞ୍ଜୟ ତ୍ରିପାଠୀ, ବିଭୁ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ । ଦୁର୍ଗା ଚରଣ ଦାସ, ସନାତନ ସାହୁ, ଶିବ ପ୍ରସାଦ ସାହୁ, ରସାନନ୍ଦ ସ୍ୱାଇଁ, ଦୋଳଗୋବିନ୍ଦ ସାହୁ, ବିଚିତ୍ରାନନ୍ଦ ବେହେରା, ରାଜକିଶୋର ତ୍ରିପାଠୀ, ବୈରାଗୀ ଚରଣ ତ୍ରିପାଠୀ, ନଟବର ମଳିକ ଓ ମହେଶ୍ୱର ସାହାଣୀ ସହଯୋଗ କରିଥିଲେ । ଶେଷରେ ରବୀନ୍ଦ୍ରନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



## ‘ନୂଆ-ଓ’ ପାଇଁ ଉତ୍ସବମୁଖର କଲେଜ କ୍ୟାମ୍ପସ

● ପଟ୍ଟାମୁଣ୍ଡାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

### ‘ବିକାଶର ସାରଥି ନାରୀ ଶକ୍ତି ନବୀନ ଓଡ଼ିଶାର ଅସଲ ଶକ୍ତି’



**ପଟ୍ଟାମୁଣ୍ଡାଇ,୨୮ ।୧୨(ସମିସ):** ପଟ୍ଟାମୁଣ୍ଡାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନୂଆ -ଓ କାର୍ଯ୍ୟକ୍ରମ ଅଧୀନ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇଥିଲେ । ବିକାଶର ସାରଥୀ ନାରୀ ଶକ୍ତି ନବୀନ ଓଡ଼ିଶାର ଅସଲ ଶକ୍ତି । ମହିଳା ମାନେ ଆଜି ପଛୁଆ ନାହାନ୍ତି । ଚନ୍ଦ୍ରଯାନଠାରୁ ଆରମ୍ଭ କରି ବିମାନ ଚଳାଇବା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଆଗୁଆ ହୋଇ ବିକାଶର ମଙ୍ଗ ଧରିଛନ୍ତି । ମିଶନଶକ୍ତିକୁ ଆନ୍ଦୋଳନରେ ପରିଣତ କରି ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ମହିଳାମାନଙ୍କୁ ଅସଲ ଶକ୍ତି ପ୍ରଦାନ କରିଛନ୍ତି । ବିକାଶଧାରାରେ ଆଗକୁ ଆଗକୁ ବଢୁଥିବା ଓଡିଶାକୁ ନବୀନ ଓଡ଼ିଶାରେ ପରିଣତ କରିବା ପାଇଁ ଯୁବଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ କରି ଯୁବଶକ୍ତିର ପୂର୍ଣ୍ଣ ବିନିଯୋଗ ପାଇଁ ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଛାତ୍ରୀମାନେ ନିର୍ଦ୍ଦିଷ୍ଟ ସ୍ୱପ୍ନ ନେଇ ଆଗକୁ ବଢିବା ସହିତ ନିଜର ଦୁର୍ବଳତାକୁ ଶକ୍ତିରେ ପରିଣତ କରି ହାତ ପାହାନ୍ତାରେ ଥିବା ସୁଯୋଗର ବିନିଯୋଗ କରିଲେ ସମସ୍ତ ଆହ୍ୱାନକୁ ମୁକାବିଲା କରି ନିଶ୍ଚିତ ସଫଳତା ହାସଲ କରିପାରିବେ । ଏଥିପାଇଁ ଶୃଙ୍ଖଳା, ସମର୍ପଣ ଓ ପ୍ରତିବଦ୍ଧତା ନେଇ କାର୍ଯ୍ୟ କରିବାକୁ ବିଧାୟକ ପରାମର୍ଶ ଦେଇଛନ୍ତି । ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମସ୍ତ ପ୍ରାଚୁର୍ଯ୍ୟରେ ଭରପୁର ଓଡ଼ିଶାର ଯୁବଶକ୍ତି ପ୍ରକୃତ ଶକ୍ତି । ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ନୂଆ ଓଡ଼ିଶା ଗଠନ ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ଯୁବଛାତ୍ରଙ୍କ ପ୍ରତିଭା ବିକାଶ ପାଇଁ ଉପଯୁକ୍ତ ଭାବେ ପ୍ରଶିକ୍ଷିତ କରିବାକୁ ସେ ପରାମର୍ଶ ଦେଇଥିଲେ । ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପିକା ରୀତା ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବାବେଳେ ଅଧ୍ୟାପିକା ପୁଷ୍ପାଞ୍ଜଳି ମହାନ୍ତି, ଅଧ୍ୟାପିକା ଅନୁପମା ଦାସ ଓ ଅଧ୍ୟାପିକା ସୁକାନ୍ତି ଲେଙ୍କା ଉପସ୍ଥିତ ଥିଲେ । ଶେଷରେ ଅଧ୍ୟାପିକା ସୁକାନ୍ତି ଲେଙ୍କା ଧନ୍ୟବାଦ ଦେଇଥିଲେ ।

### ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ



**ଡେରାବିଶ,୨୮ ।୧୨(ସମିସ):** ଯଅଁରାବାରିମୂଳ ପଞ୍ଚାୟତ ଭିତରବମ୍ଭସ୍ଥିତ ଡେଲଟା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ପ୍ରଦୀପ ଜେନା ସଭାପତିତ୍ୱ କରିଥିଲେ । ଅଧ୍ୟକ୍ଷ ଡକ୍ଟର ବିବେକାନନ୍ଦ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅଧ୍ୟାପକ ସୁବ୍ରତ ଦାସ, ମହେଶଚନ୍ଦ୍ର ଶତପଥୀ, ବିକ୍ରମ ବିହାରୀ ବିଶ୍ୱାଳ, ଅଶୋକ ଦାସ, ଗଦାଧର ବେହେରା, ବିକ୍ରମ ଚନ୍ଦ୍ର ସ୍ୱାଇଁ, ବିଭୂତି ଭୂଷଣ ଦାସ, ଅଧ୍ୟାପିକା ମମତା ପ୍ରଧାନ ଓ ମମତା ପଲେଇଙ୍କ ଦ୍ୱାରା ପରିଚାଳିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବକ୍ତୃତା, କବିତା ଆବୃତି, ଝୋଟି ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା । ବକ୍ତୃତାରେ ଛାତ୍ରୀ ରୁନୁ ମଳିକ ପ୍ରଥମ, ରାଜଲକ୍ଷ୍ମୀ ସ୍ୱାଇଁ ଦ୍ୱିତୀୟ ଓ ରୁପାଲି ପଣ୍ଡା ଏବଂ ମଧୁସ୍ମିତା ବେହେରା ଯୁଗ୍ମ ତୃତୀୟ ସ୍ଥାନ କଧିକାର କରିଥିଲେ । କ୍ରୀଡ଼ା ପ୍ରଶିକ୍ଷକ ସୁରେନ୍ଦ୍ରନାଥ ସ୍ୱାଇଁଙ୍କ ପରିଚାଳନାରେ ବନ୍ଦେମାତରମ୍ ଗାନ କରାଯାଇଥିବା ବେଳେ ଶେଷରେ ଛାତ୍ର ପ୍ରତିନିଧି ଆଶାଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

● କ୍ରିକେଟ ପ୍ରତିଯୋଗିତା

### ମା’ ଥାନାପତି ଦଳ ବିଜୟୀ



**କେନ୍ଦ୍ରାପଡ଼ା,୨୮ ।୧୨(ସମିସ):** କେନ୍ଦ୍ରାପଡ଼ା ପୌରସଂସ୍ଥା ଦ୍ୱାରା ଆୟୋଜିତ ଦୁଇ ଦିନିଆ କ୍ରିକେଟ ପ୍ରତିଯୋଗିତା କେନ୍ଦ୍ରାପଡ଼ା ସରକାରୀ ବାଳକ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା, ପୌରଧକ୍ଷା ସରିତା ସାହୁ, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ, ଉପାଧକ୍ଷ ଆକବରୀ ଖାତୁନ, କାଉନସିଲର ସେକ ଆସଲମ, ଓଡ଼ିଶା ମୋ ପରିବାରର ଜିଲ୍ଲା ସଂଯୋଜକ ହିରଣ୍ୟ ପଣ୍ଡା, ପୂର୍ବତନ କାଉନସିଲର ବିଜୟ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଖେଳ ପ୍ରତିଯୋଗିତାକୁ ସାନ୍ଧ୍ୟ ମହାବିଦ୍ୟାଳୟ ଖେଳ ଶିକ୍ଷକ ଦେବେନ୍ଦ୍ର କିଶୋର ସାହୁ ପରିଚାଳନା କରିଥିଲେ । ମନୋଜ ଦାସ, ପଙ୍କଜ ଦାସ ସହଯୋଗ କରିଥିଲେ । ୮ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ । ମା ଥାନାପତି-୧, କେଡବ୍ଲ୍ୟୁସିଏ, ବାବା ଇଲେଭେନ ଓ ମା’ଥାନାପତି-୨ ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ । ମା’ଥାନାପତି-୧ ଏବଂ ମା ଥାନାପତି-୨ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ । ଫାଇନାଲ ମ୍ୟାଚରେ ମା’ ଥାନାପତି-୧ ମା’ ଥାନାପତି-୨କୁ ପରାସ୍ତ କରି ବିଜୟୀ ହୋଇଥିଲା । ବିଜେତା ଦଳକୁ ୨୦ ହଜାର ଟଙ୍କା ଅର୍ଥ ରାଶି ଦିଆଯାଇଥିବା ବେଳେ ଉପ ବିଜେତା ଦଳକୁ ୧୫ ହଜାର ଟଙ୍କା ଅର୍ଥ ରାଶି ଦିଆଯାଇଥିଲା । ସେମିଫାଇନଲକୁ ଉତୀର୍ଣ୍ଣ ହୋଇଥିବା ଅନ୍ୟ ୨ଟି ଦଳକୁ ୧୦ ହଜାର ଲେଖାଏଁ ସାନ୍ତ୍ୱନା ମୂଳକ ଅର୍ଥ ରାଶି ପ୍ରଦାନ କରାଯାଇଥିଲା ।

### ‘ନୂଆ-ଓ’ ଉଦ୍‌ଯାପିତ


**ଜଗତସିଂହପୁର,୨୮ ।୧୨(ସମିସ):** ଗାଦିବ୍ରହ୍ମ ମହିଳା ହାୟର ସେକେଣ୍ଡାରୀ ସ୍କୁଲର ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ମୁଖ୍ୟ ବକ୍ତା ଭାବେ ସୋଆ ଡିନ୍ ଜ୍ୟୋତିପ୍ରକାଶ ଦାସ ଯୋଗ ଦେଇଥିଲେ । ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ପ୍ରମୋଦା ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ କ୍ଷୀରୋଦ ସାହୁ ସଭା ପରିଚାଳନା କରିଥିଲେ । ଅଶୋକ ମହାନ୍ତି, ଅଞ୍ଜଳି ରାଉତ, ଅଶୋକ ମହାନ୍ତି, ସଂଧ୍ୟାରାଣୀ ପରିଡା, ସୁମନ୍ତ ଭୂଷଣ ପଟ୍ଟନାୟକ, ମନୋଜ ଦାସ, ରଞ୍ଜିତ ମହାନ୍ତି, ଆରତୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।




**ଗରଦପୁର:** କୋରୁଆ ଚିତ୍ରୋତ୍ପଳା ମହିଳା ସ୍ନାତକ ବିଦ୍ୟାଳୟ ପରିସରରେ ଚାଲିଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେଇଯାଇଛି । ଏଥିରେ ବିଜେଡି ନେତା ସଞ୍ଜୟ ଅଗ୍ରୱାଲ, ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଭୟ ମହାରାଜ ବିଡ଼ିଓ ପ୍ରଦ୍ୟୁମ୍ନ ନାୟକ, ଦ୍ୱାରିକାନାଥ ସେନାପତି, ଜିଲ୍ଲା ପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତ, ସରପଞ୍ଚ ଅଭୟ ମଲ୍ଲ, ନୋଡାଲ ଅଧିକାରୀ ଅନାଦି ଚରଣ ବେହେରା, ବଳରାମ ଦାସ, ନିର୍ମଳେନ୍ଦ୍ର ମଲ୍ଲିକ, କ୍ଷମାସାଗର ସେଠୀ, ସରୋଜ କାନ୍ତ ଖୁଣ୍ଟିଆ, ଗୌରାଙ୍ଗ ସାହୁ, ତୁଳସୀ ନାୟକ, ଜୟନ୍ତ ସାହୁ, ସ୍ମୃତିରେଖା ନାୟକ, ବିଭୂତି ଭୂଷଣ ମଲ୍ଲିକ, ଜିତନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଅଧ୍ୟକ୍ଷ ଡ. ବସନ୍ତ ବେଦବ୍ରତ ଅଧ୍ୟକ୍ଷତା କରିଥିଲେ ।

# ନାଲ୍‌କୋ ଗେଟ୍ ସମ୍ମୁଖରେ ଶବ ରଖି ଗ୍ରାମବାସୀଙ୍କ ଆନ୍ଦୋଳନ

ନାଲକୋନଗର, ୨୮ ।୧୨(ସମିସ)




ନାଲକୋ ଥାନା ଅନ୍ତର୍ଗତ କୁଲାଡ଼ ଗାଁର ଅଶୋକ ରାଉତଙ୍କ ଗୁରୁବାର ମଧ୍ୟାହ୍ନ ରେ ମୃତ୍ୟୁ ହୋଇଛି ।ଶ୍ରୀ ରାଉତଙ୍କ ପରିବାର ସମ୍ପର୍କୀୟାଙ୍କ ଦଶାହ କାର୍ଯ୍ୟରେ ଗାଁ ପୋଖରୀକୁ ଶୁଦ୍ଧି ହେବାକୁ ଯାଇଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ।ତାଙ୍କୁ ତୁରନ୍ତ ପାଖ ଏକ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା ।ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତର କରଯାଇଥିଲା । ଭୁବନେଶ୍ୱର ହସ୍ପିଟାଲ ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ଆମ୍ବୁଲାନ୍ସକୁ ବାଟରୁ ଫେରାଇ ଆଣି ଅନୁଗୋଳ ହସ୍ପିଟାଲରେ ପହଞ୍ଚିଥିଲେ ।ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।ଶ୍ରୀ ରାଉତ ନାଲକୋ ସ୍ମେଲଟର ପ୍ଲାଣ୍ଟରେ ଠିକା କର୍ମଚାରୀ ଭାବେ କାମ କରୁଥିବାରୁ ପରିବାର ସମେତ ଗ୍ରାମବାସୀ କ୍ଷତିପୂରଣ ବାବଦରେ ନାଲକୋ ଗେଟ ସମ୍ମୁଖରେ ଶବ ରଖି ଦାବି ଉପସ୍ଥାପନ କରିଥିଲେ ।ନାଲକୋ ର ମୁଖ୍ୟ ଫଟକକୁ ନାଲକୋ ସିଆଇଏସ ଏଫ ସୁରକ୍ଷା କର୍ମୀମାନେ ବନ୍ଦ କରି ଭିତରକୁ କାହାରିକୁ ଛାଡି ନଥିଲେ ।ନାଲକୋ ପ୍ରଶାସନିକ ଅଧିକାରୀ ମଧ୍ୟ କେହି ପହଞ୍ଚି ନଥିଲେ । ଖବର ପାଇ ନାଲକୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମ ବାସୀଙ୍କୁ ବହୁ ବୁଝାସୁଝା କରିଥିଲେ । ଲିଖିତ ଦାବିକୁ ନାଲକୋ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚାଇ ରାସ୍ତା ଅବରୋଧକୁ ଉଠାଇ ଦେବାକୁ ପୁଲିସ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ । ଗ୍ରାମବାସୀ ଦାବି ପାଇଁ ରାତି ସାଢେ ଆଠ ଟା ଯାଏ ଅଡ଼ି ବସିଥିଲେ ।

# ଦନ୍ତା ଉପଦ୍ରବରେ ଧାନ ଫସଲ ଓ ବୋରୱେଲ ନଷ୍ଟ



**କଙ୍କଡ଼ାହାଡ଼, ୨୮ ।୧୨(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ରେଞ୍ଜ ଝିଲ୍ଲି ଗ୍ରାମରେ ଗୋଟିଏ ଅଳ୍ପ ବୟସର ଦନ୍ତା ନିର୍ଭୟରେ ବୁଲୁଥିବା ଥିବା ବେଳେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଥିବା ଜଣାପଡ଼ିଛି । ଏହି ଦନ୍ତା ମଙ୍ଗଳବାର ବିଳମ୍ବିତ ରାତିରେ ଝିଲି ଗ୍ରାମର ରୁଦ୍ର ମୋହନ ପ୍ରଧାନଙ୍କ ଧାନ ଫସଲରେ ପଶି କ୍ଷୟକ୍ଷତି କରିଥିବା ବେଳେ ଚାଷ ଜମିରେ କରାଯାଇଥିବା ବୋରୱେଲ ଉପରେ ଧସେଇ ହୋଇ ଯାଇଥିବାରୁ ବୋରୱେଲ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି । ତୁରନ୍ତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରାଯାଇ କ୍ଷୟକ୍ଷତି ବାବଦକୁ ଆର୍ôଥକ ସହାୟତା ଯୋଗାଇ ଦେବାକୁ ଚାଷୀ ଶ୍ରୀ ପ୍ରଧାନ ଦାବୀ କରିଛନ୍ତି ।

## ■ କଳ୍ପନା କ୍ଲବର କର୍ମକର୍ତ୍ତା ନିର୍ବାଚନ

# ଅଯୋଧ୍ୟା ଉପସଭାପତି, ଶ୍ରୁତିପଦ ସମ୍ପାଦକ





**କାମାକ୍ଷାନଗର, ୨୮ ।୧୨(ସମିସ):** କାମାକ୍ଷାନଗର ଢେଙ୍କାନାଳ ଜିଲ୍ଲାର ସର୍ବପୁରାତନ କଳ୍ପନା କ୍ଲବର ବାର୍ଷିକ ନିର୍ବାଚନ ବୁଧବାର ସନ୍ଧ୍ୟାରେ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । କ୍ଲବରେ ଉପଜିଲ୍ଲାପାଳ ସ୍ଥାୟୀ ସଭାପତି ହେବାର ନିୟମ ଥିବା ବେଳେ ଅନ୍ୟ ପଦବୀମାନଙ୍କ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପସଭାପତି ପଦ ପାଇଁ ବର୍ତ୍ତମାନର ଉପସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ ଓ ଅଯୋଧ୍ୟା ଶତପଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଏଥିରେ ଅଯୋଧ୍ୟା ଶତପଥୀ ଉପସଭାପତି ଗୋବିନ୍ଦଙ୍କ ଠାରୁ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ଶୃତିପଦ ନନ୍ଦ, କ୍ରୀଡା ସମ୍ପାଦକ ଭାବେ ବିଦ୍ୟାଧର ବରାଳ, ସାଂସ୍କୃତିକ ସମ୍ପାଦକ ଭାବେ ଜଗଦୀଶ ତ୍ରିପାଠୀ, କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ମିହିର ପ୍ରସାଦ ମହାପାତ୍ର, ଆଦିତ୍ୟ କୁମାର ଆଚାର୍ଯ୍ୟ, ରଞ୍ଜିତ ମିଶ୍ର, ପ୍ରଦ୍ୟୁମ୍ନ ଦାସ, ହିମାଂଶୁ ଶେଖର ମହାପାତ୍ର ପ୍ରମୁଖ ନିର୍ବାଚିତ ହୋଇଥିଲେ । ବରିଷ୍ଠ ସଭ୍ୟ ଚିତ୍ତ ରଞ୍ଜନ ଦାସ ଓ ଉମେଶ ନାୟକ ନିର୍ବାଚନ ପରିଚାଳନା କରିଥିଲେ ।

# ବାର୍‌ହା ମାଂସ ଜବତ; ୨ଗିରଫ

**ଗଁଦିଆ, ୨୮ ।୧୨(ସମିସ):** ଆଜି ବନ ବିଭାଗ ବାରହା ମାଂସ ରଖିବା ଅଭିଯୋଗରେ ୨ଜଣଙ୍କୁ ବନ ବିଭାଗ ଗିରଫ କରିଛି । ବନ ବିଭାଗ ଠାରୁ ପ୍ରକାଶ ଷଡ଼ଙ୍ଗୀ ରେଞ୍ଜ ଅଧୀନ ଲବଲିଙ୍ଗା ଗ୍ରାମର ରମେଶ ବେହେରା(୫୭)ଓ ସେହି ଗ୍ରାମର ଜିତୁ ପରିଡ଼ା ମିଳିତ ଭାବରେ ବେଆଇନ ଭାବରେ ଜଙ୍ଗଲୀ ବାର୍‌ହା ମାଂସକୁ ରମେଶ ବେହେରା ଘର ପାଖରେ ରଖି କାଟୁ ଥିଲେ । ଖବର ପାଇ ଷଡ଼ଙ୍ଗୀ ରେଞ୍ଜ ଅଧିକାରୀ ଙ୍କର ନିର୍ଦ୍ଦେଶ କ୍ରମେ ଷଡ଼ଙ୍ଗୀ ବନପାଳ ଉଦ୍ଧବ ବେହେରାଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀ ଓ ସ୍କ୍ୱାର୍ଡ ଦଳ ମିଳିତ ଭାବରେ ଚଢ଼ଉ କରି ଘଟଣା ସ୍ଥଳରୁ ୩କେଜି କଟା ବାର୍‌ହା ମାଂସ ଜବତ ସହିତ ସମ୍ପୃକ୍ତ ୨ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ସ୍କୁଟି -ଟ୍ରକ ମୁହାଁମୁହିଁ ଧକ୍କା, ୩ ଗୁରୁତର

**ପାଲଲହଡା, ୨୮ ।୧୨(ସମିସ):** ଗୁରୁବାର ସନ୍ଧ୍ୟା ସମୟରେ ୪୯ ନମ୍ବର ଜାତୀୟ ରାଜପଥ ମୁକ୍ତାପୁର ଛକ ନିକଟରେ ସ୍କୁଟି ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ତିନିଜଣ ଗୁରୁତର ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାଇ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଗୋଳାବନ୍ଧ ଗ୍ରାମର କୃଷ୍ଣଚନ୍ଦ୍ର ନାଏକ ଓ ଦୁବୁଲାପାଳ ଗ୍ରାମର ରଥି ପାତ୍ର ଓ ଲକ୍ଷ୍ମଣ ପାତ୍ର ନାମକ ତିନି ଜଣ ବ୍ୟକ୍ତି ଏକ ସ୍କୁଟିରେ କୌଣସି କାମରେ ପାଲଲହଡା ଆସିଥିବା ବେଳେ ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ସମୟରେ ଭୁଲ ରାସ୍ତାରେ ଆସୁଥିବା ଏକ ଟ୍ରକ ନଂ ୧୯ ଏ-୮୫୧୬ ସହିତ ମୁହାଁମୁହିଁ ଧକ୍କା ହୋଇଥିଲେ । ଫଳରେ ତିନିଜଣ ଗୁରୁତର ହୋଇଥିଲେ । ସ୍ଥାନୀୟ ଅଗ୍ନିଶମ ବିଭାଗ ଦ୍ୱାରା ତୁରନ୍ତ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ତିନିଜଣ ଗୁରୁତର ଥିବାରୁ ସେମାନଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଘଟଣା ସ୍ଥଳରେ ପାଲଲହଡ଼ା ପୁଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଥିବା ଜଣାଯାଇଛି ।

# ତାଳଚେର ବ୍ଲକ୍ ଆଶାକର୍ମୀ ସଂଘର ବୈଠକ

**ତାଳଚେରସଦର, ୨୮ ।୧୨(ସମିସ):** ଏଆଇଟିୟୁସି ପରିଚାଳିତ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ବୈଠକ ଜିଲ୍ଲା ଏଆଇଟିୟୁସି ସଭାପତି ପୁଷ୍ପାଞ୍ଜଳୀ ସାହୁଙ୍କ ସଭାପତିତ୍ୱରେ ତାଳଚେର ପ୍ରେସ୍‌କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ଆଶାକର୍ମୀ ସଂଘର ଭସାପତି ତଥା ରାଜ୍ୟ ଏଆଇଟିୟୁସିର କାର୍ଯ୍ୟକାରୀ ସଭାପତି ବିଜୟ ଜେନା ଯୋଗଦେଇ ଆଶାକର୍ମୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଖୁବ୍‌ଶିଘ୍ର ସେମାନଙ୍କର ଦାବି ଗୁଡିକ ସରକାରଙ୍କ ସହ ଆଲୋଚନା ଏବଂ ଭତା ବୃଦ୍ଧି ସମ୍ପର୍କରେ ଦାବି କରାଯିବ ବୋଲି ପ୍ରକାଶା କରିଥିଲେ । ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରରେ ଥିବା କ୍ଲବର ସଂଗଠନ ଗୁ?କୁ ମଜବୁତ୍ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା । ସମ୍ମାନୀତ ଅତିଥିଭାବେ ସାମ୍ବାଦିକ ବିଜୟ କୁମାର ଦେବତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ତାଳଚେର ବ୍ଲକ ଆଶାକର୍ମୀ ସଂଘର ଏକ ଅନ୍ତରାଣ କମିଟି ଗଠନ କରାଯାଇ ସଂଗଠନକୁ ସୁଦୃଢ କରିବାକୁ ନିଷ୍ପତି ହୋଇଥିଲା । କମିଟିର ସଦସ୍ୟାଭାବେ ଭାରତୀ ବେହେରା, ଗୋବରା, ମନୋରମା ବେହେରା, ଘଣ୍ଟପଡ଼ା ଗ୍ରାମର ସମିନା ସାହୁ, ବଲଣ୍ଡାର ବୁଲିବତୀ ପ୍ରଧାନ, ବଡଯୋରଡା । ଗ୍ରାମର ଆବାହିକା ଭାବେ ବିଣାପାଣି ସାହୁଙ୍କୁ ବୈଠକର କାର୍ଯ୍ୟକ୍ରମରେ ମନୋନୀତ କରାଯାଇଥିଲା ।

# ବ୍ୟାଙ୍କିଙ୍ଗ ସେବାରେ ପ୍ରତିବନ୍ଧକ ସାଜିଛି ପାର୍କିଂ ବ୍ୟବସ୍ଥା

**ଗଁଦିଆ, ୨୮ ।୧୨(ସମିସ):** ବ୍ୟାଙ୍କିଙ୍ଗ ସେବା କ୍ଷେତ୍ରରେ ପ୍ରମୁଖ ପ୍ରତିବନ୍ଧକ ସାଜିଛି ପାର୍କିଂ ବ୍ୟବସ୍ଥା ଗଁଦିଆ ବ୍ଲକର ପ୍ରମୁଖ କେନ୍ଦ୍ର ବଣିଆପଡ଼ା ଛକ ଠାରେ ଥିବା ଷ୍ଟେଟ ବ୍ୟାଙ୍କ ଶାଖାଟି ପ୍ରାୟ ୭ବର୍ଷ ହେବ ଏଠାରେ କାର୍ଯ୍ୟ କରୁଛି । ଏହାର ମୁଖ୍ୟ ସମସ୍ୟା ହେଉଛି ପାର୍କିଂ ବ୍ୟବସ୍ଥା ଏଠାରେ ସେପରି କୌଣସି ଶିଷ୍ଟମେଟିକ ସୁବିଧା ନଥିବାରୁ ଛୋଟ ବଡ଼ ଯାନ ଠାରୁ ଆରମ୍ଭ କରି ଦୁଇ ଚକିଆ ଜାନ ରଖିବାରେ ଅସୁବିଧା ହେଉଛି । ଉକ୍ତ ବ୍ୟାଙ୍କ ଶାଖା କାର୍ଯ୍ୟାଳୟଟି ଉପର ମହଲାରେ ରହିଅଛି । କିନ୍ତୁ ଏହାର ସମ୍ମୁଖ ତଳ ଭାଗରେ ସେପରି ବଡ଼ ଜାଗାନଥିବାରୁ ଯାନବାହାନ ରଖିବାରେ ଅନେକ ସମୟରେ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳୁଛି । ପ୍ରତିଦିନ ସରକାରୀ ସଂସ୍ଥା ଠାରୁ ଆରମ୍ଭ କରି ଘରୋଇ ସଂସ୍ଥା ଗୁଡିକ ତାଙ୍କର ଆର୍ôଥକ କାରବାର ସମ୍ପାଦନା କରିଥାନ୍ତି ତତ ସହିତ ପ୍ରତିଦିନ ସରକାରୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ସମସ୍ତ ଜନସାଧାରଣ ମାନେ ବହୁଳ ମାତ୍ରାରେ ଉକ୍ତ ଶାଖା ସହିତ ସଂଶ୍ଳିତ ରହି ଟଙ୍କା ଜମା କରିବା ଠାରୁ ଆରମ୍ଭ କରି ଜମା ଉଠାଣ କରିଥାନ୍ତି । ବିଶେଷ କରି ଦୂରଦୂରାନ୍ତ ଅଞ୍ଚଳରୁ ଆସୁଥିବା ଗ୍ରାହକ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାମାନେ ଏହି ପାର୍କିଂ ସମସ୍ୟାର ସମ୍ମୁଖୀନ ଅନେକ ସମୟରେ ହୋଇଥାନ୍ତି । ବର୍ତ୍ତମାନ ଉକ୍ତ ବ୍ଲକ ଦେଇ ଯାଇଥିବା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱର ପ୍ରସ୍ତତିକରଣ କାର୍ଯ୍ୟ ଚାଲିଥିବା ଯୋଗୁ ଉକ୍ତ ଶାଖାର ସମ୍ମୁଖରେ ଥିବା ସ୍ୱଳ୍ପ ଜାଗା ସଂକୁଚିତ ହେବାକୁ ଯାଉଛି । ଯାହାକି ଆଗାମୀ ଦିନରେ ଏକ ବଡ଼ ଧରଣର ପାର୍କିଂ ସମସ୍ୟା ହେବାକୁ ଯାଉଛି । ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ପାର୍କିଂ ସମସ୍ୟାର ସମାଧାନ କରିବେ ଦେଖିବାକୁ ବାକି ରହିଲା ।

# ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ପ୍ରଥମ ହାଫ୍-ମାରାଥନ ଫେବୃୟାରୀ ୪ରେ




**ଢେଙ୍କାନାଳ, ୨୮ ।୧୨(ସମିସ):** ଢେଙ୍କାନାଳ ଜିଲ୍ଲା ପ୍ରଶାସନ ସହଯୋଗରେ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ପ୍ରଥମ ହାଫ୍‌ମାରାଥନ ଆସନ୍ତା ଫେବୃୟାରୀ ୪ତାରିଖ ଦିନ କପିଳାସ ବନ୍ୟପ୍ରାଣୀ ପରିସର ବାହାରେ ଅନୁଷ୍ଠିତ ହେବ । ଏହି ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ମରୋରଞ୍ଜନ ମଲ୍ଲିକଙ୍କ ଦ୍ୱାରା ରନ-ଏ-ଥନ୍-୨୦୨୪ପାଇଁ ଟି ସାର୍ଟ ଉନ୍ମୋଚନ କରିଥିଲେ । ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଏସପି ଜ୍ଞାନରଞ୍ଜନ ମହାପାତ୍ର, ଡିଏଫଓ ସୁମିତ କୁମାର କର, ଜିଲ୍ଲା କ୍ରୀଡାଧିକାରୀ ପ୍ରଦୀପ କୁମାର ମହାନ୍ତି, ଟାଟାଷ୍ଟିଲ ମେରାମଣ୍ଡଳୀ କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ମୋହିତ ଦାସ, ଟାଟାଷ୍ଟିଲର କ୍ରୀଡା ମୁଖ୍ୟ ମୁକୁଲ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମକରି ଆୟୋଜିତ ହାଫ୍‌ମାରାଥନ୍ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ କପିଳାସ ବନ୍ୟପ୍ରାଣୀ ପରିସର ବାହାରେ ଆୟୋଜନ କରାଯିବ । ହାତୀର ସୁରକ୍ଷା ଉପରେ ଗୁରୁତ୍ୱ ଦେବାସହ କପିଳାସର ପ୍ରଚୁର ଜୈବ ବିବିଧତା ପ୍ରସାରକରିବା ସହ ଏହାର ଅନ୍ୟାନ୍ୟ ଉଦ୍ଭିଦ ଓ ଜୀବଜନ୍ତୁଙ୍କ ସଂରକ୍ଷଣ ଉପରେ ଆଲୋକପାତ କରିବା । ଏହି ମାରାଥନରେ ୧୯ବର୍ଷରୁ ଅଧିକ ବୟସର ଲୋକଙ୍କ ପାଇଁ ୨୧କିମି ଓ ୧୦କିମି ଏବଂ ୧୪ରୁ ୧୯ ବର୍ଷ ବୟସର ବାଳକ ଓ ବାଳିକାମାନଙ୍କ ପାଇଁ ୫କିମି ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହେବ । ୨୦୨୪ ଜାନୁୟାରୀ ୨୦ତାରିଖ ପର୍ଯ୍ୟନ୍ତ ଟାଟାଷ୍ଟିଲ ମେରାମଣ୍ଡଳୀର ଅଫିସିଆଲ ୱେବସାଇଟ ମାଧ୍ୟମରେ ନାମ ପଞ୍ଜିକରଣ କରିପାରିବେ । ଏହା ସହିତ ଟାଟାଷ୍ଟିଲ ପକ୍ଷରୁ ୯ଲକ୍ଷ୬୪ହଜାର ଟଙ୍କାର ନଗଦ ପୁରସ୍କାର ଓ ୩୦ଜଣ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯିବ । ଏହି ଆୟୋଜିତ ହାଫ୍-ମାରାଥନ କାର୍ଯ୍ୟକ୍ରମରେ ଟାଟାଷ୍ଟିଲ, ଏମଜିଏମ ମିନେରାଲ୍ସ, ବିଆରଜି, ଅନୁଗୁଳ ଏନର୍ଜି ଲିମିଟେଡ, ନବଭାରତ, ଟାଟାଷ୍ଟିଲ ୟୁଟିଲିଟିଜ୍ ଆଣ୍ଡ ଇନଫ୍ରାଷ୍ଟ୍ରକଚର ସର୍ଭିସ ଲିମିଟେଡ ପ୍ରମୁଖ ସହଯୋଗ ପ୍ରଦାନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀକୁ ଟାଟାଷ୍ଟିଲ ମେରାମଣ୍ଡଳୀର ଏଚ୍‌ଆର ମୁଖ୍ୟ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ପରିଚାଳନା କରିଥିଲେ ।

# ବାଳିକା ସଶକ୍ତିକରଣ ମିଶନ୍ ଶୀତକାଳୀନ କର୍ମଶାଳା

ତାଳଚେର, ୨୮ ।୧୨(ସମିସ):ଏନଟିପିସି କଣିହାଁ ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ବାଳିକା ସଶକ୍ତିକରଣ ମିଶନ୍ - ୨୦୨୩ (ଜିଇଏମ୍) ଶୀତକାଳୀନ କର୍ମଶାଳା ଚଳିତ ଡିସେମ୍ବର ୨୬ ତାରିଖରୁ ଆରମ୍ଭ ହୋଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଏନଟିପିସି କଣିହାଁ ଠାରେ ଅନୁଷ୍ଠିତ ହୋଇଥିଲା ଏବଂ ଏହାକୁ ଏନଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏନ.ଏସ୍ ରାଓ ଏବଂ ତନଭି ସଙ୍ଗମର ସଭାନେତ୍ରୀ ସ୍ମୃତି ବିଜୟା ରାଓ ଶୁଭାରମ୍ଭ କରିଥିଲେ । ଏହି କର୍ମଶାଳା ଚଳିତ ବର୍ଷ ଆରମ୍ଭରେ ଅନୁଷ୍ଠିତ ହୋଇଥିବା ଗ୍ରୀଷ୍ମ କର୍ମଶାଳାର ଏକ ଅନୁସରଣ କାର୍ଯ୍ୟକ୍ରମ ଭାବରେ ଆୟୋଜିତ ହୋଇଛି । ଗତ ମେ-ଜୁନ୍ ୨୦୨୩ରେ ଏନ୍‌ଟିପିସି କଣିହାଁ ଦୀର୍ଘ ଚାରି ସପ୍ତାହ ବ୍ୟାପି ଜିଏମ୍ କର୍ମଶାଳା ଆୟୋଜନ କରିଥିଲା । ସପ୍ତାହବ୍ୟାପୀ ଶୀତକାଳୀନ କର୍ମଶାଳା ହେଉଛି ଏକ ଅନୁସରଣ କର୍ମଶାଳା ଯାହାକି ବିଭିନ୍ନ ଦିଗରେ ତାଲିମ ସହିତ ବାଳିକାମାନଙ୍କ ଅଗ୍ରଗତିର ମୂଲ୍ୟାଙ୍କନ ଏବଂ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି । ନିକଟସ୍ଥ ଗ୍ରାମରେ ଥିବା ବିଦ୍ୟାଳୟଗୁଡିକ ଅନୁସରଣ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ ଯାହା ସେମାନଙ୍କର ଶିକ୍ଷଣ ପ୍ରକ୍ରିୟାରେ ନିରନ୍ତରତା ବଜାୟ ରଖିବାକୁ ଲକ୍ଷ୍ୟ ରଖାଯାଇଥିଲା । ଏହି ଅବସରରେ ଦର୍ଶକଙ୍କୁ ସମ୍ବୋଧିତ କରି ଏନଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ରାଓ ଶିଶୁର ସର୍ବାଙ୍ଗୀନ ବିକାଶକୁ ଲକ୍ଷ୍ୟ ରଖିଥିବା ପଦକ୍ଷେପଗୁଡିକ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଜିଏମ୍ କର୍ମଶାଳା ବାଳିକାମାନଙ୍କ କଲ୍ୟାଣ ପାଇଁ ଆରମ୍ଭ ହୋଇଥିବା ବିଭିନ୍ନ ବିକାଶ କାର୍ଯ୍ୟକ୍ରମର ଆଧାରକୁ ଦର୍ଶାଉଛି । ସେ ଅଂଶଗ୍ରହଣକାରୀମାନଙ୍କ ସହିତ ମଧ୍ୟ ଭାବ ବିନିମୟ କରିଥିଲେ ଏବଂ ସେମାନଙ୍କୁ ଜୀବନରେ ଅଧିକ ଉଚ୍ଚ ସୋପାନରେ ପହଞ୍ôଚିବାକୁ ଉତ୍ସାହିତ କରିଥିଲେ । ସପ୍ତାହବ୍ୟାପୀ କର୍ମଶାଳାରେ ଏକାଡେମିକ୍ ଅଧିବେଶନ ଏବଂ ନୃତ୍ୟ, ସଙ୍ଗୀତ, ଯୋଗ, କମ୍ପ୍ୟୁଟର ଦକ୍ଷତା, ମାର୍ଶଲ ଆର୍ଟ, ଆର୍ଟ ଆଣ୍ଡ କ୍ରାଫ୍ଟ ଭଳି ବିଭିନ୍ନ ବହିର୍ଭୂତ କାର୍ଯ୍ୟକଳାପ ସହିତ ଏକ ବିସ୍ତୃତ ପାଠ୍ୟକ୍ରମ ପ୍ରଦର୍ଶିତ ହେବ, ଯାହାକି ସମସ୍ତ ଅଂଶଗ୍ରହଣକାରୀଙ୍କ ସାମଗ୍ରିକ ବିକାଶକୁ ନିଶ୍ଚିତ କରିବ । ଉଦ୍‌ଘାଟନୀ ସମାରୋହରେ ଜିଏମ (ଓଆଣ୍ଡଏମ) ଏ.କେ ସେହଗାଲ, ଜିଏମ୍ (ପ୍ରୋଜେକ୍ଟ) ଜେପିରଏ, ଜିଏମ୍(ମେଣ୍ଟେନାନ୍ସ) ଏଜେ ରାଜକୁମାର, ବିଭାଗ ମୁଖ୍ୟ(ଏଚ୍‌ଆର) ବିକେପାଣ୍ଡେ, ଚିଫ୍ ମେଡିକାଲ ଅଫିସର ଜି. ମୋହକୁଲ ଏବଂ ରଫିକୁଲ ଇସଲାମ, ଏଜିଏମ୍ (ସିଏସ୍‌ଆର) ଙ୍କ ସମେତ ତନଭି ସଙ୍ଗମର ବରିଷ୍ଠ ସଦସ୍ୟଗଣ ଉପସ୍ଥିତ ଥିଲେ ।

# ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଢେଙ୍କାନାଳ, ୨୮ ।୧୨(ସମିସ):**ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ସଭାଗୃହରେ ସାନଭି ଗ୍ରୁପର ଅଧ୍ୟୟନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ୟ ରାଜ୍ୟ ସ୍ତରୀୟ ବାର୍ଷିକ ଉତ୍ସବ 'ସ୍ୱର୍ଶ'ଅନୁଷ୍ଠିତ ହୋଇଯାଇଛି ।ଆୟୋଜିତ ଉତ୍ସବରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଶିକ୍ଷାବିତ୍ ଡଃ ସଚ୍ଚିଦାନନ୍ଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନମନସ୍କ ହୋଇ କାର୍ଯ୍ୟସମ୍ପାଦନ କରି ଦେଶ ଗଠନରେ ବ୍ରତୀ ହେବାକୁ ସୁପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ଜିଲ୍ଲା ବିଜ୍ଞାନ ଅଧିକାରୀ ମଥୁରୀ ମୋହନ ରାଉତ ଯୋଗଦାନ ଛାତ୍ରୀଛାତ୍ରଙ୍କ ମନରେ ସୃଷ୍ଟି ହେଉଥିବା ପ୍ରଶ୍ନର ଉତର ଖୋଜିବାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ ।ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ରାଜ୍ୟ ପୁରସ୍କାରପ୍ରାପ୍ତ ଢେଙ୍କାନାଳ ଜିଲ୍ଲା ସଂଯୋଜକ ଡା.ଦେବୀ ପ୍ରସାଦ ମିଶ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ସ୍ୱୀୟ ଅଭିଭାଷଣରେ ନିରୀକ୍ଷଣ ସହ ଅଧ୍ୟୟନ କଲେ ଅନେକ ଉଦ୍ଭାବନ ସମ୍ଭବ ହୋଇପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ।ଚେୟାରମ୍ୟାନ ପଦ୍ମନାଭ ଶତପୀଥୀ ଯୋଗଦେଇ ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭା, ଚିନ୍ତନ ଓ ମନ୍ଥନରୁ ସୃଜନଶୀଳତା, ନୂତନତ୍ୱ ସୃଷ୍ଟି ହୋଇଥାଏ ।ସମ୍ପାଦକ ସୌମ୍ୟ ଶୁଭକାନ୍ତ ଦାସ ଯୋଗଦେଇ ବୈଜ୍ଞାନିକ ମନୋଭାବର ଜାଗୃତି ହିଁ ନୂତନ ସମ୍ଭାବନାର ସ୍ୱାକ୍ଷର ବୋଲି ଦୃଢ଼ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଶାଶ୍ୱତ ବେହେରା, ଉପାଧ୍ୟକ୍ଷ ଇଶ୍ୱର କୁମାର ପ୍ରଧାନ ପ୍ରମୁଖ ମଞ୍ଚରେ ଆସନ ଗ୍ରହଣ କରିଥିଲେ । ଛାତ୍ରୀ ରାଜଲକ୍ଷ୍ମୀ ସୁବୁଦ୍ଧି ଓ ବୈଭବି ମିଶ୍ର ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ଜିଲ୍ଲାର ଶତାଧିକ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଦକ୍ଷତା ନିରୂପଣ ପରୀକ୍ଷାର ବିଚାରକ ଭାବରେ ଅଧ୍ୟାପକ ଇଶ୍ୱର କୁମାର ପ୍ରଧାନ, ଶାଶ୍ୱତ ବେହେରା ଓ ଲକ୍ଷ୍ମୀଧର ଚାନ୍ଦ ପରୀକ୍ଷାର୍ଥୀଙ୍କ ମୂଲ୍ୟାଙ୍କନ କରିଥିଲେ । ଜିଲ୍ଲାର ବିଭିନ୍ନ ଜୋନ୍ ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା, ୧୫ ଜଣ ଛାତ୍ରୀ ପୁରସ୍କାର ଗ୍ରହଣ କରିଥିଲେ । ସଂସ୍ଥାର ମାର୍କେଟିଂ ଏକଜିକ୍ୟୁଟିଭ ମନୋରଞ୍ଜନ ପାତ୍ରଙ୍କୁ ତାଙ୍କର ପ୍ରଶଂସନୀୟ ଉଦ୍ୟମ ପାଇଁ ୪୦ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କ୍ରୀଡା ପ୍ରତିଯୋଗିତାର ସଫଳ ପ୍ରତିଯୋଗୀ ମାନଙ୍କୁ ପ୍ରଶଂସାପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ସାନଭି ଗ୍ରୁପର ଅଧ୍ୟୟନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଢେଙ୍କାନାଳ ତରଫରୁ ମଞ୍ଚାସୀନ ଅତିଥିବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ




ଢେଙ୍କାନାଳ, ୨୮ ।୧୨(ସମିସ):ସ୍ଥାନୀୟ ସୁନ୍ଦରୀଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ମୁଖ୍ୟଅତିଥି ଏବଂ ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ରାମଚନ୍ଦ୍ର ମଲ୍ଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୁର୍ଗା ମାଧବ ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜରେ ସଂସ୍କାର ମୂଳକ ଶିକ୍ଷାର ଗୁରୁତ୍ୱ ବିଷୟରେ ଚମତ୍କାର ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ସଭାପତି ଇଂ. ବାବୁଚାନ୍ଦ ମହାଳିକ ଅଧ୍ୟକ୍ଷତା କରିବାଥିବା ବେଳେ ସମ୍ପାଦକ ଗଗନ ବିହାରୀ ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହ ପ୍ରଧାନ ଆଚାର୍ଯ୍ୟା କନକଲତା ପ୍ରଧାନ ଓ ଆଚାର୍ଯ୍ୟା ମଧୁସ୍ମିତ ମହାନ୍ତି ପୁରସ୍କାର ବିବରଣୀ ପଠନ କରିଥିଲେ । ପ୍ରୀତିମୟୀ ଆଚାର୍ଯ୍ୟ ବୌଦ୍ଧିକ ସଂଯୋଜନା କରିବା ସହ ଆଚାର୍ଯ୍ୟା ଅରୁନ୍ଧତୀ ମହାପାତ୍ରଙ୍କ ସହଯୋଗରେ ଶିଶୁମାନଙ୍କ ଦ୍ୱାରା ମଞ୍ଚ ସଂଯୋଜନା ହୋଇଥିଲା । ସଭା ଶେଷରେ କୋଷାଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ସଂକୁଳ ପ୍ରମୁଖ ଓ ଜିଲ୍ଲା ସହପ୍ରମୁଖଙ୍କ ସହ ଅନ୍ୟ ବରେଣ୍ୟ ଅତିଥି ଶିଶୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଦଶମ ଶ୍ରେଣୀର ଛାତ୍ର ସାର୍ଥକ ସାହୁଙ୍କୁ ସର୍ବଶ୍ରେଷ୍ଠ ଶୃଙ୍ଖଳିତ ଶିଶୁ ଭାବେ ପୁରସ୍କୃତ କରାଯାଇଥିଲା । ଜ୍ୟୋତ୍ସ୍ନା ମିଶ୍ର ଓ ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ଶିଶୁ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା ।

# ତାଳଚେର ରୋଡ ଷ୍ଟେସନ ରାସ୍ତା ମରଣଯନ୍ତା

ତାଳଚେର, ୨୮ ।୧୨(ସମିସ)



ତାଳଚେର ବ୍ଲକ ଅନ୍ତର୍ଗତ ଚାଇଁପାଳ ଓଭରବ୍ରିଜ୍ ରେଳଫାଟକ ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥରୁ ତାଳଚେର ରୋଡ ଷ୍ଟେସନକୁ ଯାଇଥିବା ରାସ୍ତାଟି ପାଲଟିଛି ମରଣାଯନ୍ତା । ଏହି ରାସ୍ତାଦେଇ ରେଳବିଭାଗ କର୍ମଚାରୀ ସମେତ ଷ୍ଟେସନକୁ ଦୈନିକ ଶହଶହ ଯାନବାହାରେ ଟ୍ରେନଯାତ୍ରୀ ଯାତାୟତ କରିଥାନ୍ତି । ଏପରିକି ସେହି ଷ୍ଟେସନରୁ ରାତ୍ରି ସମୟରେ ଯାତ୍ରୀ ଟେନରୁ ଓହ୍ଲାଇ ତାଳଚେର ଅଞ୍ଚଳକୁ ଆସିଥାନ୍ତି । ଏଭଳି ଏକ ସମ୍ବେଦନଶୀଳ ରାସ୍ତାରେ ପିଚୁ ଉଠିଯାଇ ବଡବଡ ଗର୍ତ ସୃଷ୍ଟି ହେବା ଯୋଗୁଁ ଯାତ୍ରୀମାନେ ଗାଡିରେ ଯିବା ତ ଦୂରର କଥା ଚାଲି ଚାଲି ଯିବା ଆସିବା ସମ୍ଭବପର ହୋଇନଥାଏ । ଏପରିକି, ରାସ୍ତାର ଦୁଇପାଶ୍ୱର୍ରେ ଡ୍ରେନ ନଥିବାରୁ ପାଣି ରାସ୍ତା ଉପରେ ଜମାହୋଇ କାଦୁଆ ସଦୃଶ୍ୟ ଅବସ୍ଥା ସୃଷ୍ଟି ହୋଇଥାଏ, ଫଳରେ ପଥଚାରୀମାନଙ୍କ କଷ୍ଟ ବଢ଼ି ଯାଇଥାଏ ବୋଲି ଅଭିଯୋଗ ହେଉଛି । ଏହି ରାସ୍ତାର ଉଭୟପାଶ୍ୱର୍ ନିଛାଟିଆ ହୋଇଥିବାରୁ ଆଲୋକୀକରଣର ସେପରି କୌଣସି ବ୍ୟାପକ ବ୍ୟବସ୍ଥା ନଥିବାରୁ କିଛି ଟ୍ରେନଯାତ୍ରୀ ଭୟରେ ଷ୍ଟେସନରେ ବିଶ୍ରାମ ନେଥିବାର ମଧ୍ୟ ଅଭିଯୋଗ ହୁଏ । ରାସ୍ତାଟି ନିର୍ଜନ ରହୁଥିବାରୁ ଦୁର୍ବୃତମାନେ ଏହାର ସୁଯୋଗ ନେଇ ଟ୍ରେନଯାତ୍ରା କରି ଫେରୁଥିବା ଲୋକଙ୍କୁ ଲୁଟପାଟ ମଧ୍ୟ କରାଯାଉଥିବା ଶୁଣିବାକୁ ମିଳେ । ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

